بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 36

ବାର୍ଷିକ ଦେୟ : 600/-

11 ରବିଉଲ୍ ଅୱଲ୍ 1447 ହି.କ, 04 ତବୁକ୍ 1404 ହି.ଶ, 04 September 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

أُولَٰٓئِكَ لَهُمۡ نَصِيبٌ مِّمَّا كَسَبُوا۟ وَٱللَّهُ سَرِيعُ ٱلۡحِسَابِ ○

(ଅଲ୍ ବକ୍ରାହ୍ 203)

ଅନୁବାଦ: ଏବଂ ଏମାନେ ଯାହା ପୁଣ୍ୟ ଅର୍ଜନ କରିଛନ୍ତି ସେଥିଯୋଗୁଁ ଏମାନଙ୍କ ପାଇଁ ପୁଣ୍ୟର ଏକ ବଡ଼ ଅଂଶ ରହିଅଛି ଏବଂ ଅଲ୍ଲାଃତାଲା ହିସାବ ନିକାଶ କରିବାରେ ଅତ୍ୟନ୍ତ ତତ୍ପର ଅଟନ୍ତି ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ମିଛ କହୁଥିବା ବ୍ୟକ୍ତିମାନଙ୍କ ଉପରେ ଅଲ୍ଲାଃତାଲା ଅସନ୍ତୁଷ୍ଟ ହେବେ ।

ହ. ଅବ୍ଦୁଲ୍ଲାଃ ବିନ୍ ମସ୍ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ଏହି ଅଭିପ୍ରାୟ ରଖି ମିଛ ରାଣ ଖାଇଲା କି ସେ ଏହି ମିଛ ରାଣ ଦ୍ୱାରା ପରର ଧନକୁ ହଡ଼ପ କରିନେବ ତେବେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଏହି ଅବସ୍ଥାରେ ଭେଟିବ କି ଅଲ୍ଲାଃତାଲା ସେହି ବ୍ୟକ୍ତି ଠାରୁ ରୁଷ୍ଟ ଥିବେ ।

**ବ୍ୟାଖ୍ୟା:** ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ବର୍ଣ୍ଣନା କରନ୍ତି: "ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ ଏକ ଘଟଣା ଇମାମ୍ ମାଲିକ୍ ର.ଅ ମୁଉତା ନାମକ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ହ. ଜୈଦ୍ ବିନ୍ ସାବିତ୍ ର.ଅ ଇମାମ ମାଲିକଙ୍କ ସହିତ କୌଣସି କଥାକୁ ନେଇ ବଚ୍ସା (ଝଗଡ଼ା) ହେଲା ଏବଂ ଦୁହେଁ ବିଚାର ନିମନ୍ତେ ମୁର୍ୱାନ୍ ବିନ୍ ହକମ୍ଙ୍କ ନିକଟକୁ ଗଲେ। ମୁର୍ୱାନ୍ ବିନ୍ ହକମ୍ ମଦିନାର ଅମୀର୍ ଥିଲେ । ସେ ଏହା ଚାହିଁଲେ ହ. ଜୈଦ୍ ବିନ୍ ସାବିତ୍ ର.ଅ ମିମ୍ବର୍ (ମଞ୍ଚ) ଉପରେ ଚଢି ରାଣ ଖାଆନ୍ତୁ । ହେଲେ ଜୈଦ୍ ବିନ୍ ସାବିତ୍ ର.ଅ କହିଲେ, ହେ ମୁର୍ୱାନ୍ ! ମୁଁ ନିଜ ସ୍ଥାନରେ ରହି ରାଣ ଖାଇବି । କିନ୍ତୁ ମୁଁ ମିମ୍ବର୍ ପାଖକୁ କାହିଁକି ଯିବି ? ମୁର୍ୱାନ୍ କହିଲା, لَا وَاللّٰہِ اِلَّا عِنۡدَ مَقَاطِعِ الۡحُقُوۡقِ । ହେ ପ୍ରଭୁ ରାଣ ସେଇଠି ହେବ ଯେଉଁଠି ଅଧିକାରର ସଂପୂର୍ଣ୍ଣ ନିର୍ଣ୍ଣୟ ହୋଇ ପାରିବ । କିନ୍ତୁ ହ. ଜୈଦ୍ ବିନ୍ ସାବିତ୍ ର.ଅ ଯେଉଁଠି ଥିଲେ ସେହିଠାରେ ହିଁ ସେ ନିୟମ କରି କହିଲେ ଯେ, ସେ ନିଜର ଅଧିକାର ମାଗିବାରେ ସତ୍ପଥରେ ଅଛନ୍ତି । ଇମାମ୍ ବୁଖାରୀ ର.ଅ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ କଥନକୁ ମୁର୍ୱାନ୍ ବିନ୍ ହକମ୍ର ଇଜ୍ତିହାଦ (ଉଦ୍ୟମ) ଉପରେ ଅଗ୍ରାଧିକାର ଦେଇଛନ୍ତି । ଏହାର ସମର୍ଥନରେ ଆଁହଜରତ ସ.ଅଙ୍କ ଇଙ୍ଗିତର ପ୍ରାମାଣ୍ୟ ଦେଇଛନ୍ତି ଯହିଁରେ ସ୍ଥାନର କୌଣସି ବିଶେଷତା ନାହିଁ । ଯେଉଁ ବ୍ୟକ୍ତି ଯେକୌଣସି ସ୍ଥାନରେ ଏବଂ ଯେକୌଣସି ପରିସ୍ଥିତରେ ରାଣ ଖାଇବ ତେବେ ସେହି ବ୍ୟକ୍ତି ଈଶ୍ୱରଙ୍କ ଶାସ୍ତିର ଅଧିକାରୀ ହେବ ।"

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**"ଜମାଅତ୍ ଅହମଦିୟା ସଂପର୍କରେ ଏହା କୁହାଯାଏ ଯେ, ଅନେକ ବିଦ୍ୱାନ୍ମାନେ ଜମାଅତ୍ ଅହମଦିୟାର ବିରୋଧ ପ୍ରଦର୍ଶନ କରିଛନ୍ତି । ଏକଥା ଭୁଲ୍ ଅଟେ । ଈଶ୍ୱର ନିଜର ପ୍ରାମାଣ୍ୟ, ନିଜର ଦାବି ଓ ଅଙ୍ଗୀକାର ସହିତ ଜ୍ଞାନଭିତ୍ତିକ ଚମତ୍କାର ଆମମାନଙ୍କର ସମର୍ଥନରେ ପରିପ୍ରକାଶ କରି ଏହା ସାବ୍ୟସ୍ତ କିର ଦେଇଛନ୍ତି ଯେ, ବିରୋଧୀମାନଙ୍କୁ ମଧ୍ୟରେ କେହି ବି ବିଦ୍ୱାନ୍ ନାହାନ୍ତି ।"**

**ଜ୍ଞାନଭିତ୍ତିକ ଚମତ୍କାର :**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଜ୍ଞାନର ଚମତ୍କାର ହିଁ ବଳିଷ୍ଠ ଚମତ୍କାର ଅଟେ । ଆଁହଜରତ ସ.ଅଙ୍କ ସବୁଠୁ ବଳିଷ୍ଠ ଚମତ୍କାର ପବିତ୍ର କୁରଆନ୍ କରୀମ୍ ହିଁ ଥିଲା। ଏହି ଚମତ୍କାର ଏଯାବତ୍ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରହିଛି ।" ଉକ୍ତ ଚର୍ଚ୍ଚା ତଫସିର୍ ସୁରତୁଲ୍ ଫାତିହା ଲେଖିବା ସମୟରେ ହୋଇଥିଲା । ହ. ମସିହ୍ ମଉଦ୍ ଅ.ସ ପିର୍ ମେହେର ଅଲୀ ଶାହ୍ ଗୋଲଡ଼୍ୱୀ ଇତ୍ୟାଦି ବିଦ୍ୱାନ୍ମାନଙ୍କ ବିପକ୍ଷରେ ଇସ୍ତହାରେ ପ୍ରକାଶ କରି ଉକ୍ତ ପ୍ରସଙ୍ଗ ଉଲ୍ଲେଖ କରୁଛନ୍ତି । ଆପଣ ଅ.ସ କହିଲେ, " 'ଆଲିମ୍' (ବିଦ୍ୱାନ୍) ଶବ୍ଦଟି 'ଇଲମ୍' (ଜ୍ଞାନ)ରୁ ଉଦ୍ଧୃତ । ଆମମାନଙ୍କର ବିରୋଧୀମାନଙ୍କ ମଧ୍ୟରେ ପ୍ରକୃତରେ କେହି ଜଣେ ହେଲେ ବିଦ୍ୱାନ୍ ନାହାନ୍ତି । ଅନ୍ୟଥା କାହିଁକି ସେମାନେ ଆରବୀ ଭାଷାରେ ଉଚ୍ଚ କୋଟିର ଏବଂ ଆଳଂକାରିକ ତଫ୍ସିର୍ (ବ୍ୟାଖ୍ୟା) ଲେଖି ପାଣ୍ଡିତ୍ୟତା ଓ ନିଜକୁ ପଣ୍ଡିତ ବୋଲି ପ୍ରମାଣିତ କରୁ ନାହାନ୍ତି । ଯଦି ଜଣେ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିକୁ ଅନ୍ଧ ବୋଲି ଅଭିହିତ କରାଯାଏ ତେବେ ସେହି ବ୍ୟକ୍ତି କ୍ରୋଧ ଭାବ ପ୍ରକାଶ କରିଥାଏ । ସେହି ବ୍ୟକ୍ତି ଅତ୍ମାଭିମାନ ହୋଇ ଉଠିଥାଏ ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରି ନଥାଏ । ଯେପର୍ଯ୍ୟନ୍ତି ସେହି ବ୍ୟକ୍ତି ନିଜେ ଦୃଷ୍ଟି ସମ୍ପନ୍ନ ହେବାର ପ୍ରମାଣ ଦେଇ ନାହିଁ ସେପର୍ଯ୍ୟନ୍ତ ସେହି ଲୋକମାନଙ୍କ ପକ୍ଷେ ଏହା ଉଚିତ୍ ହେବ କି ସେମାନେ ନିଜର ପଣ୍ଡିତ ହେବା ଅର୍ଥାତ୍ ପାଣ୍ଡିତ୍ୟତା ସିଦ୍ଧ କରନ୍ତୁ ଓ ନିଜର ଜ୍ଞାନ ପ୍ରଦର୍ଶନ କରନ୍ତୁ ଯେ, ସେମାନେ କେତେ ଜ୍ଞାନୀ ଅଟନ୍ତ ?

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଜମାଅତ୍ ଅହମଦିୟା ସଂପର୍କରେ ଏହା କୁହାଯାଏ ଯେ, ଅନେକ ବିଦ୍ୱାନ୍ମାନେ ଜମାଅତ୍ ଅହମଦିୟାର ବିରୋଧ ପ୍ରଦର୍ଶନ କରିଛନ୍ତି । ଏକଥା ଭୁଲ୍ ଅଟେ । ଈଶ୍ୱର ନିଜର ପ୍ରାମାଣ୍ୟ, ନିଜର ଦାବି ଓ ଅଙ୍ଗୀକାର ସହିତ ଜ୍ଞାନଭିତ୍ତିକ ଚମତ୍କାର ଆମମାନଙ୍କର ସମର୍ଥନରେ ପରିପ୍ରକାଶ କରି ଏହା ସାବ୍ୟସ୍ତ କିର ଦେଇଛନ୍ତି ଯେ, ବିରୋଧୀମାନଙ୍କୁ ମଧ୍ୟରେ କେହି ବି ବିଦ୍ୱାନ୍ ନାହାନ୍ତି ।"**(ମଲ୍ଫୁଜାତ୍, ଭାଗ-2, ପୃ-84, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

**"ସଂସାରରେ ଅନେକ ଆବିଷ୍କାରକ ଓ ଶିଳ୍ପୀ କାରିଗରମାନେ ଦେଖିବାକୁ ମିଳନ୍ତି । କିନ୍ତୁ ସେମାନଙ୍କର ଆବିଷ୍କାର, ଉଦ୍ଭାବନ ଈଶ୍ୱରଙ୍କ ଆବିଷ୍କାର ତଥା ଉଦ୍ଭାବନ ତୁଳନାରେ କୌଣସି ବାସ୍ତବତାର ଅଧିକାରୀ ନୁହନ୍ତି । ଅର୍ଥାତ୍ ସେହି ଆବସ୍କାରକ, ଶିଳ୍ପୀଙ୍କର କୌଣସି ଅସ୍ତିତ୍ୱ ଏବଂ ସତ୍ୟତା ନାହିଁ ।"**

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍ର ଆୟତ୍ ସଂଖ୍ୟା 13 ରୁ18 ପର୍ଯ୍ୟନ୍ତ ଆୟତ୍ର ବ୍ୟାଖ୍ୟା କରି କୁହନ୍ତି: "وَالَّذِیۡنَ ہُمۡ عَلٰی صَلَوٰتِہِمۡ یُحَافِظُوۡنَ" ଅର୍ଥାତ୍ ଶାରୀରିକ ସୃଷ୍ଟିର ଶେଷାର୍ଦ୍ଧରେ ଅଲ୍ଲାଃତାଲା କୁହନ୍ତି ଯେ, فَتَبَارَكَ اللّٰہُ اَحۡسَنُ الۡخَالِقِیۡنَ ଅର୍ଥାତ୍ ଅଲ୍ଲାଃତାଲା ହିଁ ଅତ୍ୟନ୍ତ କଲ୍ୟାଣମୟ (ମଙ୍ଗଳମୟ) ଯେ କି ସର୍ବଶ୍ରେଷ୍ଠ ସୃଷ୍ଟିକର୍ତ୍ତା ଅଟନ୍ତି ।

ପବିତ୍ର କୁରଆନ୍ କରୀମର ଉକ୍ତ ଆୟତ୍ ହିଁ ଆଧ୍ୟାତ୍ମିକ ସୃଷ୍ଟି ସହିତ ପ୍ରୟୋଗ ହୋଇଥାଏ । ଅର୍ଥାତ୍ ମନୁଷ୍ୟ ଯେତେବେଳେ ଆଧ୍ୟାତ୍ମିକତାରେ ଉନ୍ନତି କରି ନେଇଥାଏ ସେତେବେଳେ ମନୁଷ୍ୟକୁ ଏକ ନୂତନ ଆଧ୍ୟାତ୍ମିକ ଜୀବନ (ନୂତନ ଜନ୍ମ) ପ୍ରଦାନ କରାଯାଇଥାଏ । ଏହି ଆଧ୍ୟାତ୍ମିକ ଜୀବନ ମନୁଷ୍ୟମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଲା ପରି ଦୃଶ୍ୟମାନ ହୋଇଥାଏ । ଏହାକୁ ଦେଖି ପ୍ରତ୍ୟେକ ବ୍ୟକ୍ତି ଅଲ୍ଲାଃତାଲାଙ୍କର ପ୍ରଶଂସା ଗାନ କରିବାକୁ ବାଧ ହୋଇ ଯାଇଥାଏ । ଉକ୍ତ ଆୟତ୍ ସହିତ ଏକ ଐତିହାସିକ ଘଟଣା ମଧ୍ୟ ସଂଶ୍ଳିଷ୍ଟ ରହିଛି । ତେଣୁ ଏହି ଘଟଣାକୁ ବର୍ଣ୍ଣନା କରିଦେବା ଅତ୍ୟାବଶ୍ୟକ ବୋଲି ମନେହେଉଛି । ରସୁଲ୍ କରୀମ୍ ସ.ଅଙ୍କ ଏକ କାତିବେ ୱହି (ଐଶୀବାଣୀ ଲିପିକାର) ଥିଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କ ବାଣୀକୁ ଲେଖୁଥିବା ବ୍ୟକ୍ତି। ସେହି ବ୍ୟକ୍ତିର ନାମ ଅବ୍ଦୁଲ୍ଲାଃ ବିନ୍ ଅବି ସରହ୍ ଥିଲା । ଯେତେବେଳେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଉପେରେ କୌଣସି ଐଶୀବାଣୀ ଅବତୀର୍ଣ୍ଣ କରୁଥିଲେ ସେତେବେଳେ ଆଁହଜରତ ସ.ଅ ସେହି ଐଶୀବାଣୀକୁ

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଲିପିକାର ମାଧ୍ୟମରେ ଲେଖାଇ ନେଉଥିଲେ । ଦିନେ ଆପଣ ସ.ଅ ଏହିସବୁ ଆୟତ୍ (ଉପରୋକ୍ତରେ ବର୍ଣ୍ଣିତ ଆୟତଗୁଡ଼ିକୁ) ଲେଖାଉଥିଲେ । ଆୟତ୍ ଲେଖାଉଥିବା ବେଳେ ଆପଣ ସ.ଅ ଯେତେବେଳେ ثُمَّ أَنْشَأْنٰهُ خَلْقًا آخَرَ ଠାରେ ପହଞ୍ଚିଲେ ସେତେବେଳେ ତା' (ଅବ୍ଦୁଲ୍ଲାଃ ବିନ୍ ଅବି ସରାହ୍) ତୁଣ୍ଡରୁ ସହସା ବାହାରି ପଡ଼ିଲା ଯେ, فَتَبٰرَكَ اللّٰهُ أَحْسَنُ الْخٰلِقِيْنَ । ରସୁଲ୍ କରୀମ୍ ସ.ଅ ମଧ୍ୟ କହିଲେ, ହଁ ହଁ ଏହି ଆୟତ୍ ରହିଛି ଏହି ଆୟତ୍ ହିଁ ଲେଖିନିଅ ! ସେହି ହତଭାଗ୍ୟ ବ୍ୟକ୍ତି ଟିକେ ଏହା ଭାବିଲା ନାହିଁ ଯେ, ଉକ୍ତ ଆୟତଟି ପୂର୍ବ ଆୟତ୍ ଫଳରେ ସ୍ୱତଃସ୍ଫୂର୍ତ୍ତ ତିଆରି ହୋଇଯାଇଥାଏ । ସେ ଏହା ଭାବିଲା ଯେ, ଯେପରି ମୋ ତୁଣ୍ଡରୁ ଏହି ଆୟତ୍ ନିସୃତ (ବାହାରିଛି) ହୋଇଛି ଏବଂ ରସୁଲ୍ କରୀମ୍ ସ.ଅ ଉକ୍ତ ଆୟତକୁ ଐଶୀବାଣୀ ବୋଲି ବିବେଚିତ କରିଛନ୍ତି ଠିକ୍ ସେହିପରି ଆପଣ ସ.ଅ **ନାଉଜୁବିଲ୍ଲାଃ** ସମଗ୍ର କୁରଆନ୍ କରୀମ୍ ନିଜେ ତିଆରି କରୁଛନ୍ତି ।

ସୁତରାଂ ସେହି ବ୍ୟକ୍ତି ଅର୍ଥାତ୍ ଲିପିକାର (ଅବ୍ଦୁଲ୍ଲାଃ ବିନ୍ ଅବା ସରହ୍) ଧର୍ମଦ୍ରୋହୀ ହୋଇଗଲା ଏବଂ ମକ୍କା ଚାଲିଗଲା। ମକ୍କା ବିଜୟ ଅବସରରେ ଯେଉଁ ଲୋକମାନଙ୍କୁ ସଂହାର କରିବା ନିମନ୍ତେ ଆଁହଜରତ ସ.ଅ ଆଦେଶ ଦେଇଥିଲେ ସେମାନଙ୍କ ମଧ୍ୟର୍ ଅବ୍ଦୁଲ୍ଲାଃ ବିନ୍ ଅବି ସରହ୍ ମଧ୍ୟ ଅନ୍ୟତମ ଥିଲା । କିନ୍ତୁ ହ. ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର.ଅ ଅବ୍ଦୁଲ୍ଲାଃ ବିନ୍ ସରହକୁ ଶରଣ ଦେଇଥିଲେ । ସେ ତିନି ଦିନ ଧରି ତାଙ୍କ ଘରେ ଲୁଚି ରହିଥିଲା । ଦିନେ ଯେତେବେଳେ ରସୁଲ୍ କରୀମ୍ ସ.ଅ ମକ୍କାବାସୀଙ୍କ ଠାରୁ ବୈଅତ୍ (ଦୀକ୍ଷା ଗ୍ରହଣ) ନେଉଥିଲେ ହ. ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ଅବ୍ଦୁଲ୍ଲାଃ ବିନ୍ ଅବି ସରହକୁ ନେଇଗଲେ ଏବଂ ତା'ର ବୈଅତ୍ ସ୍ୱୀକାର କରିବା ନିମନ୍ତେ ନିବେଦନ କଲେ। ରସୁଲ୍ କରୀମ୍ ସ.ଅ ପ୍ରଥମେ କିଛି ସମୟ ବିଳମ୍ବ କଲେ। ଅର୍ଥାତ୍ ଉତ୍ତର ଦେଲେ ନାହିଁ କିନ୍ତୁ ଅପର ମୁହୂର୍ତ୍ତରେ ଆପଣ ସ.ଅ ଅବ୍ଦୁଲ୍ଲାଃର ବୈଅତ୍ ନେଲେ। ଏହିପରି ଭାବରେ ଅବ୍ଦୁଲ୍ଲାଃ ପୁନଃ ଇସଲାମ୍ ଧର୍ମ ସ୍ୱୀକାର କରିନେଲା ।

أَحْسَنُ الْخٰلِقِيْنَ ସଂକ୍ରାନ୍ତରେ ଏକଥା ମଧ୍ୟ ମନେରଖିବା ଉଚିତ୍ ଯେ, ଏହାର ଅର୍ଥ ଏହା ନୁହେଁ ଯେ, ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ସୃଷ୍ଟିକର୍ତ୍ତା ମଧ୍ୟ ଅଛନ୍ତି........ ଅଲ୍ଲାଃତାଲା କୁହନ୍ତି ଯେ, "ନିଃସନ୍ଦେହ ସଂସାରରେ ଅନେକ ଆବିଷ୍କାରକ ଓ ଶିଳ୍ପୀ କାରିଗରମାନେ ଦେଖିବାକୁ ମିଳନ୍ତି । କିନ୍ତୁ ସେମାନଙ୍କର ଆବିଷ୍କାର, ଉଦ୍ଭାବନ, ଶିଳ୍ପ କାରିଗର ସହିତ ଈଶ୍ୱରଙ୍କ ଆବିଷ୍କାର ଏବଂ ଈଶ୍ୱରଙ୍କ ଶିଳ୍ପ କାରିଗରର ତୁଳନା କରାଯାଏ ତେବେ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ସେମାନଙ୍କର ଆବିଷ୍କାର, ଉଦ୍ଭାବନ, ତଥା ଶିଳ୍ପ କାରିଗରର କୌଣସି ବାସ୍ତବତାର ଅଧିକାରୀ ନୁହନ୍ତି। ଅର୍ଥାତ୍ ସେହି ଆବସ୍କାର ଏବଂ ଶିଳ୍ପ କାରିଗରର କୌଣସି ଅସ୍ତିତ୍ୱ ଏବଂ ସତ୍ୟତା ନାହିଁ । ଏହାର ଏହିପରି ପ୍ରମାଣ ରହିଛି ଯେପରି ଅଲ୍ଲାଃତାଲା ସମି ଓ ବସିର୍ (ପ୍ରାର୍ଥନା ସ୍ୱୀକାର କର୍ତ୍ତା, ଓ ଦ୍ରଷ୍ଟା) ଅଟନ୍ତି । କିନ୍ତୁ ଅଲ୍ଲାଃତାଲା ମନୁଷ୍ୟ ସଂପର୍କରେ ମଧ୍ୟ ଏହା କୁହନ୍ତି ଯେ, فَجَعَلْنٰهُ سَمِيْعًا بَصِيْرًا । ଅର୍ଥାତ୍ ଆମ୍ଭେ ତାହାକୁ (ମନୁଷ୍ୟକୁ) ସମି ଓ ବସିର୍ କରିଦେଲୁ । ବର୍ତ୍ତମାନ ଏଠାରେ ଏହାର ଅର୍ଥ ଏହା ନୁହେଁ ଯେ, ମନୁଷ୍ୟ ଈଶ୍ୱରଙ୍କ ଗୁଣାବଳୀ ସମି ଓ ବସିରର ସମକକ୍ଷ ଅଟେ । ବରଂ ଈଶ୍ୱର ଯେତେବେଳେ ମନୁଷ୍ୟକୁ ଶ୍ରବଣଯୋଗ୍ୟ ଓ ଦର୍ଶନଯୋଗ୍ୟ ବା ଦୃଷ୍ଟି ସମ୍ପନ୍ନ ରୂପେ ଅଭିହିତ କରିଦେଇଛନ୍ତି । ପୁନଶ୍ଚ ମନୁଷ୍ୟ ନିମନ୍ତେ କେବଳ ସମି ଓ ବସିର୍‌ର ଶବ୍ଦ ମଧ୍ୟ ଆସିଥାଏ । କିନ୍ତୁ ଅଲ୍ଲାଃତାଲା السَّمِيْعُ ଓ الْبَصِيْرُର ଶବ୍ଦ ଆସିଥାଏ ଅର୍ଥାତ୍ ଶୁଣିବା ଓ ଦେଖିବାର ଯେତେ ଗୁଣାବଳୀ ରହିଛି ସେହି ସମସ୍ତ ଗୁଣାବଳୀ ମନୁଷ୍ୟ ମଧ୍ୟରେ ଦେଖିବାକୁ ମିଳେ । ଅନ୍ୟଥା ମନୁଷ୍ୟର କାନ ଓ ଆଖି ତ' ଏତେ ଅସଂପୂର୍ଣ୍ଣ ଅଟେ ଯେ, ମନୁଷ୍ୟ ଦୂରର କଥାକୁ ବି ଶୁଣି ପାରିବ ନାହିଁ ଓ ନା ହିଁ ମନୁଷ୍ୟ ନିଜ ପିଠି ପଛରେ ଥିବା ବସ୍ତୁକୁ ଦେଖି ପାରିବ ।

ଏହିପରି ଭାବରେ ନିଃସନ୍ଦେହ ସଂସାରରେ ଆହୁରି ଅନେକ ଶିଳ୍ପୀ ଓ ଆବିଷ୍କାରକମାନେ ମଧ୍ୟ ରହିଛନ୍ତି। କିନ୍ତୁ ସେହି ଶିଳ୍ପୀ, କାରିଗର, ଆବିଷ୍କାରକଙ୍କର ଆବିଷ୍କାର ଓ ଶିଳ୍ପକଳାର ବାସ୍ତବତା ନାହିଁ । ପୁନଶ୍ଚ ମନୁଷ୍ୟ ଈଶ୍ୱରଦତ୍ତ ଶକ୍ତି ଓ ସାମର୍ଥ୍ୟରୁ ଆବିଷ୍କାର ତଥା ଉଦ୍ଭାବନର ପରମ୍ପରା ଜାରି ରଖିଛି । ତେବେ ସେ ଯାହା ହେଉ أَحْسَنُ الْخٰلِقِيْنَ ଅଲ୍ଲାଃତାଲା ହିଁ ହେଲେ । ଅନ୍ୟ କୌଣସି ବ୍ୟକ୍ତି ସର୍ବଶ୍ରେଷ୍ଠ ସୃଷ୍ଟିକର୍ତ୍ତା ହୋଇପାରିବ ନାହିଁ ।"**(ତଫସିର୍ କବିର୍, ଭାଗ-6, ପୃ-138-139, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)**

☆☆☆

## ବିଗତ ସଂଖ୍ୟା-35, ପୃ-11ରେ ବର୍ଣ୍ଣିତ ଖୁତ୍‌ବା 25-07-2025 ଜୁମାର ଅବଶିଷ୍ଟାଂଶ....

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି ଯେ, ବେଳେବେଳେ ଅତିଥିମାନେ ଅତ୍ୟନ୍ତ ଉତକ୍ଷିପ୍ତ ଏବଂ ତ୍ୱରିତ ସ୍ୱଭାବର ଅଧିକାରୀ ହୋଇଥାଆନ୍ତି ।" ବିଶେଷ କରି ଯେପରିକି ମୁଁ ବର୍ତ୍ତମାନ ଆସାମ୍‌ର ଲୋକମାନଙ୍କର ଉଦାହରଣ ଦେଇଛି। ବିଭିନ୍ନ ଜାତି ଏବଂ ଲୋକମାନଙ୍କର ନାନା ପ୍ରଥା, ପରମ୍ପରା, ଚଳଣୀ ଓ ଅବସ୍ଥା ହୋଇଥାଏ । କେତେକ ଲୋକ ଶୀଘ୍ର ଉତକ୍ଷିପ୍ତ ଏବଂ କ୍ରୋଧିତ ହୋଇଯାଆନ୍ତି ତ' ଆଉ କେତେକ ଲୋକ ଦେରିରେ । ତେଣୁ ଆପଣମାନେ ଏହା ଭାବନ୍ତୁ ନାହିଁ ଯେ, ସେମାନେ ଏତେ ଭାବବିହ୍ୱଳ, ଏବଂ କ୍ରୋଧିତ କାହିଁକି ହେଲେ । ଅତିଥିମାନଙ୍କର ହୃଦୟ ତ' ଦର୍ପଣ (କାଚ ଆଇନା) ପରି। ସାମାନ୍ୟ ମାତ୍ର ଆଘାତ ବାଜିବା ଫଳରେ ତାହା ଭାଙ୍ଗି ଚୂରମାର ହୋଇଯାଇଥାଏ। ସେଇଥି ପାଇଁ ସେମାନଙ୍କ ହୃଦୟରେ କୌଣସି କଷ୍ଟ ପହଞ୍ଚିବା ପୂର୍ବରୁ, ସେହି କାଚ ଆଇନା ରୂପକ ହୃଦୟ ଭାଙ୍ଗିବା ପୂର୍ବରୁ ତୁମେମାନେ ସେହି କାଚ ଆଇନ ରୂପକ ହୃଦୟକୁ ସୁରକ୍ଷିତ ରଖିବାର ବ୍ୟବସ୍ଥା କରିନିଅ । "

ଅତଏବ୍ ଏ ହେଉଛି ସେହି ଆଦର୍ଶ ଯେଉଁ ଆଦର୍ଶ ହ. ମସିହ୍ ମଉଦ୍ ଅ.ସ ନିଜର ମହାମହିମ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ଆଜ୍ଞାବହତ୍ୱରେ ଅତିଥିମାନଙ୍କର ଅତିଥି ସତ୍କାରକ ନିମନ୍ତେ ଆମମାନଙ୍କୁ କହିଛନ୍ତି । ଏଥି ସଂକ୍ରାନ୍ତରେ ଏକ ଘଟଣା ରହିଛି ଯେ,ଏକଦା ଅନେକ ଅତିଥିମାନେ ଆସିଥିଲେ । ଆପଣ ଅ.ସ ଲଙ୍ଗର୍ ଖାନାର ଇନଚାର୍ଜ ସାହେବ ମିଆଁ ନଜମୁଦ୍ଦୀନ ସାହେବଙ୍କୁ କହିଲେ, "ଦେଖ ଅନେକ ଅତିଥିମାନେ ଆସିଛନ୍ତି । ସେମାନଙ୍କ ମଧ୍ୟରେ କେତେକ ଅତିଥିଙ୍କୁ ତୁମେ ଚିହ୍ନିଛ ଓ ଆଉ କେତେକ ଅତିଥିମାନଙ୍କୁ ତୁମେ ଚିହ୍ନି ନାହଁ । ସେଇଥି ପାଇଁ ତୁମ ନିମନ୍ତେ ଉଚିତ ହେବ କି ତୁମେ ସମସ୍ତଙ୍କୁ ସମ୍ମାନସ୍ପଦ ଅତିଥି ମନେକରି ସେମାନଙ୍କର ସେବା ଓ ଅତିଥି ସତ୍କାର କର ।" **(ମଲ୍‌ଫୁଜାତ୍, ଭାଗ-5, ପୃ-353, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମସସ୍ତଙ୍କର ଅତିଥି ପ୍ରତି ସମ୍ମାନ ପ୍ରଦର୍ଶ ସତ୍କାର କରିବା ବିଧେୟ ଅଟେ । ଏହା ଦେଖିବ ନାହିଁ ଯେ, କିଏ ଧନୀ ଓ କିଏ ଗରିବ ଅଟେ । ଏହା ଦେଖିବ ନାହିଁ ଯେ, କିଏ ଆମେରିକାରୁ ଆସିଛି ତ' ଆଉ କେହି ପାକିସ୍ତାନରୁ ଆସିଛି, କେହି ଆଫ୍ରିକାରୁ ଆସିଛି ତ' ଆଉ କେହି ଅନ୍ୟ ଦେଶରୁ ଆସିଛି ଓ ଅନ୍ୟ ଦେଶର ଅଧିବାସୀ ଅଟେ । ଆଜିକାଲି ଏହି ମନୋଭାବ ପୋଷଣ (ରଖିବା) କରିବାର ଆବଶ୍ୟକତା ରହିଛି ଯେ, ସମସେ ହେଉଛନ୍ତି ଅତିଥି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଡାକିବା ହେତୁ ଜଲସା ଶୁଣିବା ନିମନ୍ତେ ଆସିଛନ୍ତି, ସେଇଥିପାଇଁ ସେହି ଅତିଥିମାନଙ୍କର ଆଦର ସତ୍କାର, ଅତିଥି ସେବା କରିବା ଏବଂ ସେମାନଙ୍କର ଆବଶ୍ୟକତ ପୂରଣ କରିବା ନିହାତି ଜରୁରୀ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣମାନେ ଦେଖନ୍ତୁ ଯେ, ହ. ମସିହ୍ ମଉଦ୍ ଅ.ସ ଅତିଥିମାନଙ୍କର ସେବା ଶୁଶ୍ରୁଷା ଓ ଅତିଥି ସେବା କରିବା ନିମନ୍ତେ କିପରି ଆଦେଶ ଦେଇଛନ୍ତି ? ଆପଣ ଅ.ସ ନିଜର କର୍ମୀମାନଙ୍କୁ ଏହା ମଧ୍ୟ କହିଛନ୍ତି ଯେ, "ତୁମମାନଙ୍କ ପ୍ରତି ମୋର ଏହି ସୁଧାରଣା ରହିଛି ଯେ, ତୁମେମାନେ ସଠିକ୍ ରୂପେ ଅତିଥିମାନଙ୍କର ଅତିଥି ସତ୍କାର କରୁଥିବ ଓ ସେମାନଙ୍କର ସେବା କରୁଥିବ । ଅତଏବ୍ ପ୍ରତ୍ୟେକ କର୍ମୀମାନଙ୍କୁ ସର୍ବଦା ଏହି ଉଦ୍ୟମ କରିବା ଉଚିତ୍ ଯେ, ଯେଉଁ ସ୍ଥାନରେ ଏବଂ ଯେଉଁ ବିଭାଗରେ ବି ଆପଣମାନଙ୍କର ଡିୟୁଟି ରହିଛି ସେଠାରେ ଆପଣମାନଙ୍କୁ ଅତିଥିମାନଙ୍କର ଅତିଥି ସେବା କରିବାର କର୍ତ୍ତବ୍ୟ ନିର୍ବାହ କରିବା ପ୍ରତି ପୂର୍ଣ୍ଣ ରୂପେ ଉଦ୍ୟମ କରିବା ଉଚିତ୍ । ସେ ପଛେ ଆହାର କେନ୍ଦ୍ରର ମାର୍କି ହେଉ ଅବା ଅନ୍ୟ ସ୍ଥାନ ହେଉ କର୍ମୀମାନଙ୍କୁ ପୂର୍ଣ୍ଣ ରୂପେ ଉଦ୍ୟମ କରିବା ଉଚିତ୍ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ଚର୍ଚ୍ଚା କରି ସାରିଛି ଯେ, ବିଭିନ୍ନ ବିଭାଗମାନ ରହିଛି । ଟିକଟ ପ୍ରସ୍ତୁତି ଠାରୁ ଆରମ୍ଭ କରି ଜଲସାଗାହ୍ ପର୍ଯ୍ୟନ୍ତ ଆସୁଥିବା ଯେତେସବୁ ବିଭାଗମାନ ରହିଛି ସେହି ବିଭାଗ ଏବଂ ବିଭାଗରେ କାମ କରୁଥିବା କର୍ମୀମାନଙ୍କ ସହିତ ଅତିଥିମାନେ ସଂସ୍ପର୍ଶରେ ଆସି ଥାଆନ୍ତି । ତେଣୁ ପ୍ରତ୍ୟେକ କର୍ମୀମାନଙ୍କୁ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଖାଦ୍ୟ ରାନ୍ଧିବା ଏବଂ ଖାଦ୍ୟ ଖୁଆଇବାର ଯେଉଁ ବିଭାଗମାନ ରହିଛି ସେହି ବିଭାଗମାନଙ୍କୁ ମଧ୍ୟ ଅତିଥି ସତ୍କାରକର ଅଧିକାର ସମ୍ପାଦନ କରିବା ଉଚିତ୍ । ଅଲ୍ଲାଃତାଲାଙ୍କ କୃପାରୁ **(ଅବଶିଷ୍ଟାଂଶ......ପୃଷ୍ଠା-11ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

**ଏହି ତିନି ଦିନ ଅତ୍ୟନ୍ତ କଲ୍ୟାଣମୟ ଓ କଲ୍ୟାଣ ପ୍ରଦାନକାରୀ ଦିନ ଥିଲା ଏବଂ ଅଲ୍ଲାଃତାଲାଙ୍କ କୃପା ପ୍ରଦର୍ଶନକାରୀ ଦିନ ଥିଲା । ଅଲ୍ଲାଃତାଲାଙ୍କର ଏହି ଅଶେଷ କୃପା ରହିଛି କି ସେ ଆମମାନଙ୍କୁ ଏହି ତିନି ମଧ୍ୟରେ ନିଜର ଅସଂଖ୍ୟ କୃପା ଦ୍ୱାରା ସମ୍ମାନିତ କଲେ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ ଜଲ୍‌ସାର ଶେଷ ଦିନ ସଂକ୍ରାନ୍ତରେ ଘୋଷଣା କରିଥିଲି କି ଜଲ୍‌ସା ଶେଷ ଦିନରେ ବିଭିନ୍ନ ଦେଶ ଲଣ୍ଡନ ଜଲସା ସାଲାନାର ସିଧା ପ୍ରସାରଣରେ ଯୋଡ଼ି ହେବେ । ଅତଏବ୍ ଚଳିତ ବର୍ଷ ଜଲ୍‌ସା ସାଲାନା ବ୍ରିଟେନ୍‌ର ଶେଷ ଦିନର ଶେଷ ଅଧିବେଶନରେ ପ୍ରାୟ 56ଟି ଦେଶର 119ଟି କେନ୍ଦ୍ର ସହିତ ଏମ.ଟି.ଏ ଯୋଡ଼ିବାକୁ ସକ୍ଷମ ହୋଇଛି ।.... ଏହା ମଧ୍ୟ ଅଲ୍ଲାଃତାଲାଙ୍କ ଅସୀମ ତଥା ଆପାର କୃପା ମଧ୍ୟରୁ ଅନ୍ୟତମ କୃପା ଯେ, ସେ ଆମମାନଙ୍କ ଉପରେ ଓ ଜମାଅତ୍ ଉପରେ ନିଜର ଏହି ଅସାମ କୃପା ଅବତୀର୍ଣ୍ଣ କଲେ । ଅର୍ଥାତ୍ ଏହି ନୂତନ ଉଦ୍ଭାବନ, ନୂତନା ଜ୍ଞାନ, ବୈଷୟିକ ଜ୍ଞାନକୌଶଳ (ଏମ୍.ଟି.ଏ) ମାଧ୍ୟମରେ ପୃଥୀବିର ସମସ୍ତ ଅହମଦିମାନଙ୍କୁ ଗୋଟିଏ ସ୍ଥାନରେ ଆଣି ଏକତ୍ରିତ କରିଦେଇଅଛି । ସମସ୍ତଙ୍କୁ ଗୋଟିଏ ଧର୍ମରେ ପରିଣତ କରିବାର ଏହି ଯେଉଁ ଦୃଶ୍ୟ ଥିଲା ତାହା ଜଗତରେ ଅନ୍ୟ କେଉଁଠି ବି ଦେଖିବାକୁ ମିଳୁ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଅର୍ଥାତ୍ ଜଲ୍‌ସା ସାଲାନାରେ ଯେଉଁ ଅତିଥିମାନେ ଯୋଗଦେବେ
ସେହି ଅତିଥିମାନଙ୍କୁ ଏକଥା ମଧ୍ୟ ମନେ ରଖିବା ଉଚିତ୍ ଯେ, ସେମାନେ ଯେଉଁଠି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବେ ସେଠାରେ ସେମାନେ ଉକ୍ତ କଥାର କୃତଜ୍ଞତା ମଧ୍ୟ ଜ୍ଞାପନ କରନ୍ତୁ କି ଅଲ୍ଲାଃତାଲା କାମ କରୁଥିବା କର୍ମୀମାନଙ୍କ କାର୍ଯ୍ୟରେ ସହଜତା ସୃଷ୍ଟି କରନ୍ତୁ, ସେମାନଙ୍କର ସମସ୍ୟାକୁ ଦୂର କରିଲେ, ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କୁ ଉନ୍ନତି ପ୍ରଦାନ କଲେ ଓ ସେମାନଙ୍କୁ ଅଧିକରୁ ଅଧିକ ଲୋକମାନ(ଅତିଥିମାନ)ଙ୍କର ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ । ସେହିପରି ଭବାରେ ଅଂଶଗ୍ରହଣକାରୀଙ୍କ ନିମନ୍ତେ ସୁବିଧାର ଅଧିକରୁ ଅଧିକ ଉତ୍ତମ ସାଧନ ମଧ୍ୟ ଉପଲବ୍ଧ ହେଲା ।

ପୁରୁଷ ଜଲ୍‌ସାଗାହ୍‌ରେ ମଧ୍ୟ ସହସ୍ର ସହସ୍ର ପୁରୁଷ ଏବଂ ଯୁବକମାନେ ସାମିଲ୍ ଅଟନ୍ତି ଓ ମହିଳା ଜଲ୍‌ସାଗାହ୍‌ରେ ମଧ୍ୟ ଅନେକ ମହିଳା ଏବଂ ଯୁବତୀମାନେ ସାମିଲ୍ ହୋଇଛନ୍ତି । ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନେ ନିଃସ୍ୱାର୍ଥପର ମନୋଭାବ ରଖି ସେବା କରିବାକୁ ସାମର୍ଥ୍ୟ ଲାଭ କଲେ । ଏହି ସମସ୍ତ ଲୋକମାନେ ଅଂଶଗ୍ରହଣକାରୀଙ୍କ କୃତଜ୍ଞତା ଭାଜନର ଅଧିକାରୀ ଅଟନ୍ତି ।

**ବିଭିନ୍ନ ଦେଶରେ ପ୍ରେସ୍ ମିଡ଼ିଆ ମାଧ୍ୟମରେ କୋଟି କୋଟି ଲୋକମାନଙ୍କ ପର୍ଯ୍ୟନ୍ତ ଜଲସା ସାଲାନାର ଇସ୍ତହାର ଦିଆଗଲା ।**

ଜଲ୍‌ସା ସାଲାନା ବ୍ରିଟେନ୍‌ରେ ଆସିଥିବା ଅତିଥିମାନଙ୍କର ମତାମତ ଏବଂ ପ୍ରତିକ୍ରିୟା ।

ଗାଜା ପାଲେଷ୍ଟାଇନ୍‌ର ଶ୍ରୀଯୁକ୍ତ ଅବଦୁଲ୍ କରୀମ୍ ଜମାଲ୍ ସାହେବଙ୍କ ନମାଜ ଯାନାଜାଃ ଗାଏବ୍ ।

01 August 2025 ମସିହା ଅନୁଯାୟୀ ୦୧ଜହୁର୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ବିଗତ ରବିବାର ଦିନ ଅଲ୍ଲାଃତାଲାଙ୍କ କୃପାରୁ ଜଲ୍‌ସା ସାଲାନା ୟୁ.କେ ସମାପ୍ତ ହୋଇଥିଲା । ଏହି ତିନି ଦିନ ଅତ୍ୟନ୍ତ କଲ୍ୟାଣମୟ ଓ କଲ୍ୟାଣ ପ୍ରଦାନକାରୀ ଦିନ ଥିଲା ଏବଂ ଅଲ୍ଲାଃତାଲାଙ୍କ କୃପା ପ୍ରଦର୍ଶନକାରୀ ଦିନ ଥିଲା । ଅଲ୍ଲାଃତାଲାଙ୍କର ଏହି ଅଶେଷ କୃପା ରହିଛି କି ସେ ଆମମାନଙ୍କୁ ଏହି ତିନି ମଧ୍ୟରେ ନିଜର ଅସଂଖ୍ୟ କୃପା ଦ୍ୱାରା ସମ୍ମାନିତ କଲେ। ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଜଲ୍‌ସାକୁ କଲ୍ୟାଣମୟ କଲେ ଓ ଜଲ୍‌ସା ଅତ୍ୟନ୍ତ ସୁରୁଖୁରୁରେ ସମାପ୍ତ ହେଲା ।

ଅଲ୍ଲାଃତାଲାଙ୍କ କୃପାରୁ ଜଲ୍‌ସାରେ ପାଗ ମଧ୍ୟ ଭଲ ରହିଥିଲା ଓ ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ସୁନ୍ଦର ଭାବରେ ସମାପ୍ତ ହେଲା । ଜଲ୍‌ସା ସାଲାନାର ମୌଳିକ କାର୍ଯ୍ୟକ୍ରମ ଅର୍ଥାତ୍ ଭାଷଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ ତବ୍‌ଲିଗି (ପ୍ରଚାରିକ) ଏବଂ ଜ୍ଞାନଭିତ୍ତିକ ଦୃଷ୍ଟିରୁ ବିଭିନ୍ନ ବିଭାଗମାନ ଯେଉଁ ପ୍ରଦର୍ଶନୀ ସଜାଇଥିଲେ ତାହା ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ଅଣଅହମଦି ଓ ଅଣମୁସଲମାନମାନଙ୍କ ଉପରେ ବେଶ୍ ପ୍ରଭାବ ପକାଇଥିଲା ଓ ଅନେକ ଲୋକମାନଙ୍କୁ, ଅହମଦିମାନଙ୍କ ସାଧାରଣ ଜ୍ଞାନରେ ଅତିରିକ୍ତ ଅଭିବୃଦ୍ଧି ହେବାର ସାମର୍ଥ୍ୟ ପ୍ରାପ୍ତ ହେଲା । ସେହିପରି ଭାବରେ ଏମ୍.ଟି.ଏ ମଧ୍ୟ ଜଲ୍‌ସା ସଲାନାର କାର୍ଯ୍ୟକ୍ରମ ମଧ୍ୟରେ ବିରତି ମଧ୍ୟରେ ଯେଉଁ ଜ୍ଞାନଭିତ୍ତିକ ଏବଂ ତଥ୍ୟଭିତ୍ତିକ କାର୍ଯ୍ୟକ୍ରମ ପ୍ରସାରଣ କରିଲା ସେହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ଲୋକମାନଙ୍କର ଉପରେ ଏହା ସୁପ୍ରଭାବ ମଧ୍ୟ ପଡ଼ିଛି । ଏହିବୁ କାର୍ଯ୍ୟକ୍ରମକୁ ଅନ୍ୟ ରାଷ୍ଟ୍ରରେ ବସିଥିବା ଅହମଦିମାନେ ମଧ୍ୟ ଖୁବ୍ ପସନ୍ଦ କଲେ । କାରଣ ଆମମାନେ ଅନେକ କଥା ଜାଣିବାକୁ ପାଇଲୁ, ଶିଖିଲୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ ଜଲ୍‌ସାର ଶେଷ ଦିନ ସଂକ୍ରାନ୍ତରେ ଘୋଷଣା କରିଥିଲି କି ଜଲ୍‌ସା ଶେଷ ଦିନରେ ବିଭିନ୍ନ ଦେଶ ଏହି ସିଧା ପ୍ରସାରଣରେ ଯୋଡ଼ି ହେବେ । ଅତଏବ୍ ଚଳିତ ବର୍ଷ ଜଲସା ସାଲାନା ବ୍ରିଟେନ୍‌ର ଶେଷ ଦିନର ଶେଷ ଅଧିବେଶନରେ ପ୍ରାୟ 56ଟି ଦେଶର 119ଟି କେନ୍ଦ୍ର ସହିତ ଏମ.ଟି.ଏ ଯୋଡ଼ିବାକୁ ସକ୍ଷମ ହୋଇଛି । ଏହି ଯୋଗଯୋଗ ମାଧ୍ୟମରେ ଉଭୟ ପାର୍ଶ୍ୱରେ ଲୋକମାନେ ପରସ୍ପରକୁ ଦେଖି ପାରୁଥିଲେ । ଆମେମାନେ ଏଠାରୁ ସେମାନଙ୍କୁ ଦେଖି ପାରୁଥିଲେ ଓ ସେମାନେ ସେଠାରୁ ଆମମାନଙ୍କୁ ସିଧା ସଳଖ ଦେଖୁଥିଲେ । କେବଳ ଟି.ଭି ପ୍ରସାରଣ ନଥିଲା ଯାହାକୁ ସେମାନେ ଶୁଣୁଥିଲେ । ବରଂ ସିଧା ସଳଖ ଯୋଗାଯୋଗ ଥିଲା । ଏହାର ବହୁତ ଗଭୀର ଓ ସୁପ୍ରଭାବ ମଧ୍ୟ ପଡ଼ିଥିଲା । ଏହି ପ୍ରଭାବକୁ ଏଠାରେ ଉପସ୍ଥିତ ଥିବା ଲୋକମାନେ ମଧ୍ୟ ଅନୁଭବ କଲେ ଏବଂ ଏଠାକାର ଲୋକମାନେ କେବଳ ପସନ୍ଦ କରି ନଥିଲେ ବରଂ ବିଭିନ୍ନ ରାଷ୍ଟ୍ରରେ ବସି ଜଲସା ଶୁଣୁଥିବା ଲୋକମାନେ ମଧ୍ୟ ପସନ୍ଦ କରିଥିଲେ । ଭାବାବେଗ ମଧ୍ୟ ଏହା ହିଁ ଥିଲା କି ସେମାନେ ବସି ଜଲ୍‌ସାର ମାର୍କି ଠାରେ ବସି ଜଲ୍‌ସା ଶୁଣୁଛନ୍ତି । ସହସ୍ର (ହଜାର) ହଜାର ମାଇଲ୍ ଦୂରରେ ବସିଥିଲେ । କିନ୍ତୁ ଅଲ୍ଲାଃତାଲା ଏମ.ଟି.ଏ ମାଧ୍ୟମରେ ସେମାନଙ୍କୁ ଜଲ୍‌ସା ଶୁଣିବାକୁ ସାମର୍ଥ୍ୟ ପ୍ରପ୍ତ କଲେ ନାହିଁ ବରଂ ସେମାନେ ନିଜେ ଉପସ୍ଥିତ ହୋଇ ଏହାକୁ ଅନୁଭବ କରୁଥିଲେ । ଅତଏବ୍ ଏହା ମଧ୍ୟ ଅଲ୍ଲାଃତାଲାଙ୍କ ଅସୀମ ତଥା ଆପାର କୃପା ମଧ୍ୟରୁ ଅନ୍ୟତମ କୃପା ଅଟେ ଯେ, ସେ ଆମମାନଙ୍କ ଉପରେ ଓ ଜମାଅତ୍ ଉପରେ ନିଜର ଏହି କୃପା ଅବତୀର୍ଣ୍ଣ କଲେ । ଅର୍ଥାତ୍ ଏହି ନୂତନତ ଉଦ୍ଭାବନ, ନୂତନା ଜ୍ଞାନ, ବୈଷୟିକ ଜ୍ଞାନକୌଶଳ (ଏମ୍.ଟି.ଏ) ମାଧ୍ୟମରେ ପୃଥିବୀର ସମସ୍ତ ଅହମଦିମାନଙ୍କୁ ଗୋଟିଏ ସ୍ଥାନରେ ଆଣି ଏକତ୍ରିତ କରିଦେଇଅଛି । ସମସ୍ତଙ୍କୁ ଗୋଟିଏ ଧର୍ମରେ ପରିଣତ କରିବାର ଏହି ଯେଉଁ ଦୃଶ୍ୟ ଥିଲା ତାହା ଜଗତରେ ଅନ୍ୟ କେଉଁଠି ବି ଦେଖିବାକୁ ମିଳୁ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥର ସାମୂହିକ ରୂପେ ବ୍ୟବସ୍ଥା ମଧ୍ୟ ବିଗତ ବର୍ଷ ଅପେକ୍ଷା ଅତ୍ୟନ୍ତ ଉନ୍ନତ ମାନର ଥିଲା । ଅନେକ ଲୋକମାନେ ଏହି ବ୍ୟବସ୍ଥା ସଂକ୍ରାନ୍ତରେ ସକାରତ୍ମକ ମନ୍ତବ୍ୟ ପ୍ରଦାନ କରିଛନ୍ତି । ଏଠାରେ ଯୋଗ ଦେଇଥିବା

ଅତିଥିମାନେ ଓ ଟି.ଭିରେ ବିଭିନ୍ନ କାର୍ଯ୍ୟକ୍ରମ ଦେଖୁଥିବା ଦର୍ଶକମାନେ ମଧ୍ୟ ଏହା କହିଛନ୍ତି ଯେ, ଏଥର ଜଲ୍‌ସାର ଆୟୋଜନ ଏବଂ କାର୍ଯ୍ୟକ୍ରମ ବେଶ୍ ମନୋରମ, ସୁନ୍ଦର ଓ ଆକର୍ଷଣୀୟ ଥିଲା ଓ ବିଶେଷ ପ୍ରକାରର ପରିବେଶ ଥିଲା । ଏହା ଅଲ୍ଲାଃତାଲାଙ୍କର ଏକ ବିଶେଷ କୃପା ଯେଉଁ କୃପାକୁ ପ୍ରତ୍ୟେକ ବ୍ୟକ୍ତି ଅସାଧାରଣ ରୂପେ ଅନୁଭବ କରି ପାରୁଥିଲା । ଅର୍ଥାତ୍ ଜଲ୍‌ସାରେ ବିଶେଷ ପ୍ରକାରର କୃପାବତୀର୍ଣ୍ଣ ହେଉଅଛି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, ହେ ମୋର ଭକ୍ତଗଣ ! ତୁମ୍ଭେମାନେ ମୋର କୃତଜ୍ଞ ଭକ୍ତ ହୁଅ ଏବଂ ତୁମ୍ଭେମାନେ ଯେତେବେଳେ କୃତଜ୍ଞତା ଜ୍ଞାପନ କରିବ ସେତେବେଳେ ମୁଁ (ଅଲ୍ଲାଃତାଲା) ତୁମ୍ଭମାନଙ୍କୁ ନିଜର କୃପା ଦ୍ୱାରା ଅଧିକ ପୁରସ୍କୃତ କରବି ଓ ତୁମ୍ଭମାନଙ୍କ ଉପରେ ଅଧିକ ନିଜର କୃପାବତୀର୍ଣ୍ଣ କରିବି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: لَئِنْ شَكَرْتُمْ لَأَزِيدَنَّكُمْ **(ଇବ୍ରାହିମ୍:8)** ଯଦି ତୁମ୍ଭମାନେ କୃତଜ୍ଞ ହେବ ତେବେ ଆମ୍ଭେ ତୁମ୍ଭେମାନଙ୍କ ଉପରେ ଆହୁରି ଅଧିକ କୃପା ଅବତୀର୍ଣ୍ଣ କରିବୁ । ଅତଏବ୍ ଅଲ୍ଲାଃତାଲାଙ୍କ କୃପାର ଅତିରିକ୍ତ ଅଧିକାରୀ ହେବା ନିମନ୍ତେ କୃତଜ୍ଞତା ଜ୍ଞାପନ ହେବା ନିହାତି ଜରୁରୀ ଅଟେ ।

ଅଲ୍ଲାଃତାଲା ନିଜ ସଂକ୍ରାନ୍ତରେ ଏହା କହିଛନ୍ତି إِنَّ اللَّهَ شَاكِرٌ عَلِيمٌ **(ଅଲ୍ ବକରାହ୍:159)** ଅର୍ଥାତ୍ ଭକ୍ତ ଯେତେବେଳେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ପୁଣ୍ୟ କାର୍ଯ୍ୟ କରେ ତେବେ ସେ ନିଜର ଏହି ପୁଣ୍ୟକାର୍ଯ୍ୟ ସମ୍ପାଦନ କରିବା ହେତୁ ଅଲ୍ଲାଃତାଲା ଭକ୍ତର କୃତଜ୍ଞତାକୁ ସ୍ୱୀକାର କରି ଗୁଣଗ୍ରାହୀ ଅଟନ୍ତି ଏବଂ ସେ ହିଁ ସର୍ବଜ୍ଞ ଅଟନ୍ତି । ଯେତେବେଳେ ଅଲ୍ଲାଃତାଲାଙ୍କ ନିମନ୍ତେ ଏହି କୃତଜ୍ଞ ଶବ୍ଦ ବ୍ୟବହୃତ ହୁଏ ସେତେବେଳେ ଅଲ୍ଲାଃତାଲା ମୂଲ୍ୟବୋଧ ଗୁଣଗ୍ରାହୀ ରୂପେ ବିବେଚିତ ହୋଇ ଥାଆନ୍ତି । ତେଣୁ ଅଲ୍ଲାଃତାଲା କୃତଜ୍ଞତା ଜ୍ଞାପନ କରୁଥିବା ବ୍ୟକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ଏହି ସମ୍ମାନ ଫଳରେ ଅଲ୍ଲାଃତାଲା ସେହି ଭକ୍ତମାନଙ୍କୁ ଆହୁରି ପୁରସ୍କୃତ ଏବଂ ସମ୍ମାନିତ କରି ଥାଆନ୍ତି । ଅଲ୍ଲାଃତାଲା ତ' ପ୍ରଭୁ ଏବଂ ମାଲିକ ଅଟନ୍ତି । ସେ ଭକ୍ତମାନଙ୍କର କୃତଜ୍ଞତା କାହିଁକି କରିବେ ବା । ଅର୍ଥାତ୍ ଅଲ୍ଲାଃତାଲା ଭକ୍ତମାନଙ୍କର କୃତଜ୍ଞତା ଜ୍ଞାପନ କରିବେ ନାହିଁ ବରଂ ଅଲ୍ଲାଃତାଲାଙ୍କର ଭକ୍ତର କୃତଜ୍ଞତା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ହିଁ ସେହି କୃତଜ୍ଞତାର ସମ୍ମାନ କରିବା ଅଟେ ଯେଉଁ କୃତଜ୍ଞତା ଭକ୍ତମାନେ କରୁଛନ୍ତି । ସୁତରାଂ ଅଲ୍ଲାଃତାଲା ସର୍ବଜ୍ଞ ଅଟନ୍ତି। ଅଲ୍ଲାଃତାଲାଙ୍କୁ ସବୁ ଜଣା ଯେ, କିଏ ପ୍ରକୃତ କୃତଜ୍ଞତା ଜ୍ଞାପନକାରୀ ଓ କିଏ ନୁହେଁ । ଯଦି କୃତଜ୍ଞତା ବାସ୍ତବିକ ହୋଇଥିବ ତେବେ ସେ ଅର୍ଥାତ୍ ଅଲ୍ଲାଃତାଲା ଆହୁରି ପ୍ରଦାନ କରି ଚାଲିବେ । ଏହା କେବଳ ମୌଖିକ କଥା ହେବା ଉଚିତ୍ ନୁହଁ। ବରଂ କୃତଜ୍ଞତାର ଏକ ଉତ୍ସାହ ମଧ୍ୟ ହେବା ଉଚିତ୍ । ଅଲ୍ଲାଃତାଲାଙ୍କ କୃପାରୁ ଏହି ଭାବାବେଗ ଓ ଉତ୍ସାହ ସେ ଜମାଅତ୍ ଅହମଦିୟାରେ ସୃଷ୍ଟି କରିଛନ୍ତି । ତେଣୁ ଏହି ଉତ୍ସାହଜନିତ କୃତଜ୍ଞତାକୁ ଅଲ୍ଲାଃତାଲା ଆହୁରି ଅଭିବୃଦ୍ଧି କରି ଚାଲନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଉକ୍ତ କଥା ମଧ୍ୟ ମନେ ରଖିବା ଉଚିତ୍ ଯେ, ସେହି ଅତିଥିମାନଙ୍କୁ ଏକଥା ମଧ୍ୟ ମନେରଖିବା ଉଚିତ୍ ଯେ, ସେମାନେ ଯେଉଁଠି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବେ ସେଠାରେ ସେମାନେ ଉକ୍ତ କଥାର କୃତଜ୍ଞତା ମଧ୍ୟ ଜ୍ଞାପନ କରନ୍ତୁ କି ଅଲ୍ଲାଃତାଲା କିପରି କାମ କରୁଥିବା କର୍ମୀମାନଙ୍କ କାର୍ଯ୍ୟରେ ସହଜତା ସୃଷ୍ଟି କରନ୍ତି, ସେମାନଙ୍କର ସମସ୍ୟାକୁ ଦୂର କଲେ, ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କୁ ଉନ୍ନତି ପ୍ରଦାନ କଲେ ଓ ସେମାନଙ୍କୁ ଅଧିକରୁ ଅଧିକ ଲୋକମାନ(ଅତିଥିମାନ)ଙ୍କର ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ । ସେହିପରି ଭାବରେ ଅଂଶଗ୍ରହଣକାରୀଙ୍କ ନିମନ୍ତେ ସୁବିଧାର ଅଧିକରୁ ଅଧିକ ଉତ୍ତମ ସାଧନ ମଧ୍ୟ ଉପଲବ୍ଧ ହେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ବିଗତ ବର୍ଷ ଜଲ୍‌ସା ସାଲାନାର ଶେଷ ଦିନରେ ପରିସଂଖ୍ୟାନ ସଂପର୍କରେ କହିଥିଲି । ସେହିପିର ଚଳିତ ବର୍ଷ ମଧ୍ୟ ମୁଁ ଏହି ପରିସଂଖ୍ୟାନ ଉପସ୍ଥାପିତ କରିବି । ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ଜଲ୍‌ସା ସାଲାନାରେ ଉପସ୍ଥାନ ସଂଖ୍ୟା 46,000ରୁ ଉର୍ଦ୍ଧ୍ୱ ଥିଲା । କେବଳ ସେତିକି ନୁହେଁ ବରଂ ଲଜ୍‌ନାର ଯେଉଁ ରିପୋର୍ଟ ରହିଛି ତଦନୁଯାୟୀ ସେମନଙ୍କର ସଂଖ୍ୟା ସଠିକ୍ ରୂପେ ଗଣନା କରାଯାଇ ନାହିଁ । ଠିକ୍ ସେ ଗଣାଯାଇ ନାହିଁ । ପରବର୍ତ୍ତୀ ସମୟରେ ସେମାନେ ସଂଖ୍ୟାର ରିପୋର୍ଟ ପ୍ରେରଣ କରିଛନ୍ତି । ତେଣୁ ଏହି ରିପୋର୍ଟ ଓ ସଂଖ୍ୟାକୁ ସାମିଲ୍ କରାଯାଉ । ଅତଏବ୍ ପୁରୁଷମାନଙ୍କୁ ଏବଂ ମହିଳାମାନଙ୍କୁ ମିଶାଇଲେ ଜଲ୍‌ସାରେ ସାମିଲ୍ ହୋଇଥିବା ମୋଟ୍ ଉପସ୍ଥିତି ଓ ଉପସ୍ଥାନ ସଂଖ୍ୟା 50,000 ହୋଇଯାଇଥାଏ ଯେ, କିପରି ଅଲ୍ଲାଃତାଲା କାର୍ଯ୍ୟ କରୁଥିବା କର୍ମୀମାନଙ୍କ ମାଧ୍ୟମରେ ଅତିଥିମାନଙ୍କ ପାଇଁ ସହଜତା ସୃଷ୍ଟି କରିଛନ୍ତି । ଅତିଥିମାନଙ୍କୁ ଗମନାଗମନ ପ୍ରସଙ୍ଗରେ କୌଣସି ସମସ୍ୟା ସୃଷ୍ଟି ହୋଇ ନାହିଁ, ଆହାର ପ୍ରସଙ୍ଗରେ କୌଣସି ସମସ୍ୟା ଉତ୍ପନ୍ନ ହୋଇ ନାହିଁ, ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବାରେ କୌଣସି ସମସ୍ୟା ଉପୁଜି ନାହିଁ । ଅତଏବ୍ ସେମାନଙ୍କର (ଅତିଥିମାନଙ୍କର) ନାନା ଆବଶ୍ୟକତା ପୂରଣ ହେଉଥିଲା। ରହଣୀର ମଧ୍ୟ ବ୍ୟବସ୍ଥା ଥିଲା ଯାହାକି ଯଥୋଚିତ ବ୍ୟବସ୍ଥା ଥିଲା । ସୁତରାଂ ଯେଉଁ ଅତିଥିମାନେ ଜମାଅତୀୟ ରହଣୀ ସ୍ଥାନମାନଙ୍କରେ ଅବସ୍ଥାନ କରନ୍ତି ସେମାନଙ୍କ ପାଇଁ ଉତ୍ତମ ଓ ଉତ୍କୃଷ୍ଟ ବ୍ୟବସ୍ଥା ହେବା ଉଚିତ୍ । ସୁତରାଂ ଏହି ସମସ୍ତ କାର୍ଯ୍ୟ ଯାହା ଅଲ୍ଲାଃତାଲାଙ୍କ କୃପାରୁ ସମ୍ପାଦିତ ହେଉଅଛି ତାହା ଆମମାନଙ୍କର କୌଣସି ବାହାଦୂରୀ ନୁହେଁ ବରଂ ଏହା ଆମମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ଅପାର କୃପା ଅଟେ । ଯେଉଁଠି କାମ କରୁଥିବ କୃତଜ୍ଞ ଜ୍ଞାପନକାରୀ କର୍ମୀମାନେ ଥିବେ ତେବେ ସେମାନେ ଏହି କୃତଜ୍ଞତା ଜ୍ଞାପନ କରନ୍ତୁ ଯେ, ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କର କାମର ଉତ୍ତମ ପରିଣାମ ଆମମାନଙ୍କୁ ପ୍ରଦାନ କରନ୍ତୁ । **ଆମିନ୍** । ଅପର ପକ୍ଷେ ସେଠାରେ ଜଲ୍‌ସାରେ ଅଂଶଗ୍ରହଣ କରୁଥିବା ଲୋକମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ କିପରି ସାଧନ ଉପଲବ୍ଧ କରାଇଲେ ଯେ, ଅସଂଖ୍ୟ ଲୋକମାନେ ନାନା ସ୍ତରରେ ଏବଂ ନାନା ଶୈକ୍ଷିକ ଶ୍ରେଣୀ ସହିତ ସଂପର୍କ ରଖୁଥିଲେ ସମସ୍ତେ ଦିନ ରାତି ଏକ କରି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ସ୍ୱେଚ୍ଛାସେବୀ ରୂପେ ନିଜର ଡିୟୁଟି ସମ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ପୁରୁଷ ଜଲ୍‌ସାଗାହ୍ ଠାରେ ମଧ୍ୟ ସହସ୍ର ସହସ୍ର ପୁରୁଷ ଏବଂ ଯୁବକମାନେ ସାମିଲ୍ ଅଟନ୍ତି ଓ ମହିଳା ଜଲ୍‌ସାଗାହରେ ମଧ୍ୟ ଅନେକ ମହିଳା ଏବଂ ଯୁବତୀମାନେ ସାମିଲ୍ ହୋଇଛନ୍ତି । ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନେ ନିଃସ୍ୱାର୍ଥପର ମନୋଭାବ ରଖି ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଲେ । ଏହି ସମସ୍ତ ଲୋକମାନେ ଅଂଶଗ୍ରହଣକାରୀଙ୍କ କୃତଜ୍ଞତା ଭାଜନର ଅଧିକାରୀ ଅଟନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି କାନାଡ଼ା ଏବଂ ଅଷ୍ଟ୍ରେଲିୟାରୁ ଅଧିକ ସଂଖ୍ୟାରେ ଖୁଦ୍ଦାମମାନେ ଆସିଥିଲେ । ସେମାନେ ଜଲ୍‌ସା ଆରମ୍ଭ ହେବା ପୂର୍ବରୁ ଜଲ୍‌ସା କାର୍ଯ୍ୟରେ ସହଯୋଗ କଲେ, ଜଲ୍‌ସା ସମୟରେ ମଧ୍ୟ ଓ ଜଲ୍‌ସା ପରେ ମଧ୍ୟ ୱାଇଣ୍ଡ ଅପ୍ ସମୟରେ ମଧ୍ୟ ସାହାଯ୍ୟ କରୁଛନ୍ତି । ଅତଏବ୍ ଅଲ୍ଲାଃତାଲା ସେହି ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ହଦିସରେ ଉଲ୍ଲେଖ ରହିଛି ଯେ, ଅଲ୍ଲାଃତାଲା ନିଜର ଭକ୍ତକୁ କହିଲେ ଯେ, ହେ ଭକ୍ତ ! ମୋର ଅମକ ଭକ୍ତ ଜଣକ ତୁମ ଉପରେ ଅମକ ଉପକାର କରିଥିଲା ଏବଂ ତୁମେ ସେହି ବ୍ୟକ୍ତିର କୃତଜ୍ଞତା ଜ୍ଞାପନ କଲ ନାହିଁ ? ତେବେ ଭକ୍ତ କହିବ, ହେ ପ୍ରଭୁ ! ତୁମ୍ଭେ ହିଁ ତ' ମୋ ଉପରେ ଉପକାର କରିଥିଲ ! ତେଣୁ ମୁଁ ତୁମ୍ଭର କୃତଜ୍ଞତା ଜ୍ଞାପନ କରି ଦେଇଅଛି ଓ କୃତଜ୍ଞତା ଜ୍ଞାପନ କରିଥାଏ । ଅଲ୍ଲାଃତାଲା କହିବେ ନା ନା ମୁଁ ସେହି ଭକ୍ତ ମାଧ୍ୟମରେ ତୁମ ଉପରେ ଉପକାର କରିଥିଲି ଏବଂ ତୁମର କାମ ସମ୍ପାଦନ ହୋଇଥିଲା । ସେଇଥି ପାଇଁ ଭକ୍ତକୁ ମଧ୍ୟ ଅଲ୍ଲାତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ନିହାତି ଜରୁରୀ ଅଟେ । **(ମଜ୍‌ମାଅତ୍ ଜୱାଇଦି, ଭାଗ-8, ପୃ-233, କିତାବୁଲ୍ ବିର୍ ୱସ୍ ସଲାତା, ବାବ- ଶୁକ୍ରୁଲ୍ ମାଆରୁଫି.....ହଦିସ୍ ନଂ-13634, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ଅତଏବ୍ ଅଲ୍ଲାଃତାଲାଙ୍କ ଅତିଥିମାନଙ୍କ ସକାଶେ ଯେଉଁ କାର୍ଯ୍ୟ ତଥା ସେବା ସମ୍ପାଦନ କରାଯାଉଥିବ ସେହି ସେବାକୁ ଅଲ୍ଲାଃତାଲା ଗ୍ରହଣ କରିଥାଆନ୍ତି । କାରଣ ସେ ଗୁଣଗ୍ରାହୀ ଅଟନ୍ତି । ସେ (ଅଲ୍ଲାଃତାଲା) କୁହନ୍ତି ହେ ଭକ୍ତଗଣ ! ତୁମେମାନେ ଉପକାର, ସେବା କରିଥିବା ବ୍ୟକ୍ତିମାନଙ୍କର କୃତଜ୍ଞତା ଜ୍ଞାପନ କର। ତେଣୁ ଅଲ୍ଲାଃତାଲା ଆମମାନଙ୍କ ଠାରୁ ମଧ୍ୟ ଏହା ଚାହାନ୍ତି ଯେ, ଆମେମାନେ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନାକୀର ଭକ୍ତ ହେବୁ । କାରଣ ଏହା ଦ୍ୱାରା ଏପରି ଏକ ପରିବେଶ ସୃଷ୍ଟି ହେବ ଯେଉଁ ପରିବେଶରେ ଚତୁର୍ଦ୍ଦିଗରେ କୃତଜ୍ଞତା ଜ୍ଞାପନ କରାଯାଉଥିବ ସେହି ପରିବେଶଟି ସଂପୂର୍ଣ୍ଣ ରୂପେ କୃତଜ୍ଞତା ଜ୍ଞାପନକାରୀର ପରିବେଶ ହେବ । ଅତଏବ୍ ଉକ୍ତ ପ୍ରସଙ୍ଗକୁ ସର୍ବଦା ମନେରଖିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲ, ଯେପରିକି ମୁଁ କହିଲି ଏହି ଡିୟୁଟି ଦେଉଥିବା ସ୍ୱେଚ୍ଛାସେବୀ କର୍ମୀମାନେ କୃତଜ୍ଞତା ଜ୍ଞାପନର ଅଧିକାରୀ ଅଟନ୍ତି । ଏମାନଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଅନ୍ୟ ଲୋକମାନଙ୍କ ଉପରେ ମଧ୍ୟ ଏହି କୃତଜ୍ଞତାର ପ୍ରଭାବ ପଡ଼ିଥାଏ । ଏହି କର୍ମୀମାନଙ୍କର ଉତ୍ସାହକୁ ଦେଖିବା ଦ୍ୱାରା ଅତିଥିମାନଙ୍କ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଉପରେ ପ୍ରଭାବ ମଧ୍ୟ ପଡ଼ିଥାଏ । ଅଣଅହମଦି ଅତିଥିମାନେ ଆଶ୍ଚର୍ଯ୍ୟଚକିତ ହୁଅନ୍ତି ଯେ, କିପରି ଛୋଟ ଛୋଟ ପିଲାମାନେ ଡିୟୁଟି ଦେଉଛନ୍ତି, ଜଳପାନ କରାଉଛନ୍ତି। ରୁଟି ସେକିବା, ଅତିଥିମାନଙ୍କର ଅତିଥି ସତ୍କାର କରିବା ଏବଂ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଆଦି କାର୍ଯ୍ୟକୁ ଆନନ୍ଦ ସହକାରେ ଏହି ଡିୟୁଟି ଦେଉଥିବା କର୍ମୀମାନେ ସମ୍ପାଦନ କରୁଛନ୍ତି। ଏଠାକୁ ଆସିଥିବା ଯେଉଁ ଅତିଥିମାନେ ରହିଛନ୍ତି ସେମାନଙ୍କର ଯେଉଁ ମନ୍ତବ୍ୟ ଓ ପ୍ରତିକ୍ରିୟା ମିଳିଛି ତାହା ଗୋଟିଏ କି ଦୁଇଟି ନୁହଁ । ବରଂ ତାହା ଅସଂଖ୍ୟ ରହିଛି । ସେହି ଅତିଥିମାନେ କୁହନ୍ତି: "ଆମେମାନେ ଯେତେବେଳେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ପଚାରିଲୁ କି, ସେମାନେ କେଉଁ କେଉଁ କାମ କରୁଛନ୍ତି ? ସେତେବେଳେ ଆମେମାନଙ୍କର ଏହି ଧାରଣା ରହିଥିଲା କି ଯେଭଳି ସେମାନେ କାର୍ଯ୍ୟ କରୁଛନ୍ତି ସମ୍ଭବତଃ ସେମାନେ କୌଣସି ଶ୍ରମିକ ହିସାବରେ କାମ କରୁଥିବେ । କିନ୍ତୁ କେହି ଜଣେ କହିଲେ ଯେ, ସ ଏକ ଫୋରମ୍‌ରେ ଅଫିସର ପଦବୀରେ କାର୍ଯ୍ୟରତ ଅଟେ, ତ' ଆଉ କେହି କହିଲା, କି ମୁଁ ଜଣେ ବିଦ୍ୟାର୍ଥୀ ଅଟେ । ମୁଁ ପାଠ ପଢୁଛି । ଆଉ କେହି କହିଲା କି ମୁଁ ପି. ଏଚ୍.ଡ଼ିର ଛାତ୍ର ଅଟନ୍ତି ତ' ଆଉ କେହି କହିଲା କି ମୁଁ ପି.ଏଚ୍.ଡ଼ି ଡିଗ୍ରୀ ପ୍ରାପ୍ତ କରିଛି । ଅତଏବ୍ ଏହିପରି ଉତ୍ସାହ ରଖୁଥିବା ସେବକମାନେ ଉପସ୍ଥିତ ଅଛନ୍ତି ଯେଉଁମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କ ସେବା ନିମନ୍ତେ ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ ପାଇଁ ନିଜକୁ ସେବା ନିମନ୍ତେ ସମର୍ପିତ କରି ଦେଇଥାଆନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ପ୍ରସଙ୍ଗ ପ୍ରତ୍ୟେକ ବ୍ୟକ୍ତିକୁ ଆଶା କରେ ଯେ, ସମସ୍ତ ଅଂଶଗ୍ରହଣକାରୀମାନେ ସେହି ସ୍ୱେଚ୍ଛାସେବୀ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନକାରୀ ହୁଅନ୍ତୁ ଓ ଡିୟୁଟି ଦେଉଥିବା କର୍ମୀମାନଙ୍କୁ ମଧ୍ୟ ଉକ୍ତ କଥା ଯୋଗୁଁ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ସେମାନଙ୍କୁ ଯଦି ବର୍ଷସାରା ତବ୍‌ଲିଗ୍, ଜମାଅତ୍‌ର ସନ୍ଦେଶ ପହଞ୍ଚାଇବାର ସୁଯୋଗ ପ୍ରାପ୍ତ ହୋଇପାରୁ ନାହିଁ ତେବେ ସେମାନେ ଜଲ୍‌ସା ସାଲାନା ମାଧ୍ୟମରେ ଡିୟୁଟି ଦେଇ ଅଲ୍ଲାଃତାଲାଙ୍କ ପୁଣ୍ୟର ଅଧିକାରୀ ହୋଇ ପାରିବେ ଓ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରି ପାରିବେ ଯେ, ଅଲ୍ଲାଃତାଲା ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ସୁଯୋଗ ପ୍ରଦାନ କଲେ । ବିଭିନ୍ନ ବିଭାଗରେ ଡିୟୁଟି ଦେଉଥିବା ସ୍ୱେଚ୍ଛାସେବୀ କର୍ମୀମାନେ ବିଭିନ୍ନ ଅତିଥିଙ୍କୁ ସାକ୍ଷାତ୍ କରନ୍ତି ତେବେ ଅତିଥିମାନେ ଏମାନଙ୍କର ସେବା ମନୋବୃତ୍ତି ଓ ସେବାକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ବିସ୍ମିତ ଭାବ ପ୍ରକାଶ କରନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲ, ବିଭିନ୍ନ ରାଷ୍ଟ୍ରରୁ ଏପରି ଲୋକମାନେ ଆସନ୍ତି ଯେଉଁମାନଙ୍କର ଜମାଅତ୍ ସହିତ ପ୍ରାରମ୍ଭିକ ପରିଚୟ ହୋଇଥାଏ ଏବଂ ସେମାନେ ଆମ ଜଲ୍‌ସାକୁ ଦେଖିବା ନିମନ୍ତ ଆସିଥାଆନ୍ତି । କାରଣ ସେମାନେ ଏହା ଦେଖିବାକୁ ଆସନ୍ତି ଯେ, କ'ଣ ପ୍ରକୃତରେ ଏହି ଅହମଦିମାନେ, ଏହି ସ୍ୱେଚ୍ଛାସେବୀମାନେ ସେହି ଲୋକ ଅଟନ୍ତି ଯେଉଁମାନେ ଯାହା କୁହନ୍ତି ତାହା କରି ମଧ୍ୟ ଦେଖାଇ ଦିଅନ୍ତି। ସୁତରାଂ ଯେତେବେଳେ ଏହି ଅତିଥିମାନେ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ସାଧାରଣ ଶ୍ରମିକଙ୍କ ପରି କାମ କରୁଥିବାର ଦେଖନ୍ତି ତେବେ ସେମାନେ ଆଶ୍ଚର୍ଯ୍ୟଚକିତ ହୁଅନ୍ତି ଏବଂ ସେମାନଙ୍କର ଉପରେ ଏହାର ସକାରାତ୍ମକ ପ୍ରଭାବ ମଧ୍ୟ ପଡ଼ିଥାଏ । ତେଣୁ ଏହା ଏକ ନିରବ ତବ୍‌ଲିଗ୍ (ପ୍ରଚାର) ଅଟେ । ଏହାର ପରିପ୍ରକାଶ ସେହି ଅତିଥିମାନେ ମଧ୍ୟ କରି ଦିଅନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ଅତିଥିମାନଙ୍କ ମନ୍ତବ୍ୟ ଓ ପ୍ରତିକ୍ରିୟାର କେତେକ ଉଦାହରଣ ମୁଁ ଏଠାରେ ଉପସ୍ଥାପିତ କରିବି । କାରଣ ଅନେକ ଉଦାହରଣ ରହିଛି । ଅସଂଖ୍ୟ ଲୋକମାନେ ମୋତେ ନିଜର ମତାମତ ଏବଂ ପ୍ରତିକ୍ରିୟା ପ୍ରେରଣ କରିଛନ୍ତି । ଅଲ୍ଲାଃତାଲା କିପରି ଲୋକମାନଙ୍କ ହୃଦୟ ଉପରେ ପ୍ରଭାବ ପକାଇ ଥାଆନ୍ତି । ଏହି ଅତିଥିମାନେ ଯେଉଁଠି ଜଲ୍‌ସାର ଭାଷଣରୁ ଉପକୃତ ହେଉଛନ୍ତି ସେଠାରେ ଆମମାନଙ୍କର କର୍ମୀମାନଙ୍କର କାର୍ଯ୍ୟ ଏବଂ ଛୋଟ ପିଲାମାନଙ୍କର ଆଚରଣରୁ ମଧ୍ୟ ଅତିଥିମାନେ ବେଶ୍ ପ୍ରଭାବିତ ହୋଇଥାଆନ୍ତି । ଅତଏବ୍ ଏହି ପ୍ରଭାବ ହେଉଛି ନିରବ ତବ୍‌ଲିଗ୍ ଏବଂ ଇସ୍‌ଲାମ୍ ଧର୍ମର ପ୍ରକୃତ ସନ୍ଦେଶ ଜମାଅତ୍ ଅହମଦିୟା ମାଧ୍ୟମରେ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚୁ ଅଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେଉଁ ନବାଗତମାନେ ଆସି ଜମାଅତ୍‌ରେ ସାମିଲ୍ ହେବେ କିମ୍ବା ସେମାନେ ପ୍ରଥମ ଥର କରି ଆସି ଥାଆନ୍ତି ସେମାନେ ମଧ୍ୟ ଉତ୍ସାହିତ ଓ ଅନୁପ୍ରାଣିତ ହୋଇଥାଆନ୍ତି । ସେହି ଅତିଥିମାନେ ଏହା ଦେଖନ୍ତି ଯେ, ଅତିଥି ସତ୍କାରକମାନେ କିପରି ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛନ୍ତି ଓ କିପରି ସେମାନଙ୍କର ଆଦର ସତ୍କାର କରାଯାଉଛି ? ଲୋକମାନେ ଅତିଥିମାନଙ୍କ ପ୍ରତି କିପରି ଆଚରଣ ପ୍ରଦର୍ଶନ କରିଥାଆନ୍ତି ? ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ତେଣୁ ଆମମାନଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ହେବା ଉଚିତ୍ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ଅତିଥିମାନଙ୍କର ମତାମତ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରି ଦେଉଛି । (1) ରୋଡ୍ରିଗେଜ୍ ଆଇଲ୍ୟାଣ୍ଡ୍‌ର ପୋଲିସ୍ ଫୋର୍ସର ଆସିଷ୍ଟାଣ୍ଟ କମିଶନର ଜଲ୍‌ସାକୁ ଆସିଥିଲେ। ମିଷ୍ଟର ମନୋଜ୍ ଲୋଚନ ସାହେବ କୁହନ୍ତି: "ମୁଁ ପୋଲିସ୍ କମିଶନର ଏବଂ ଡିଭିଜନାଲ୍ କମାଣ୍ଡର ହିସାବରେ ଅନେକ ସରକାରୀ ଏବଂ ସାମାଜିକ ଉତ୍ସବ ଓ ସମ୍ମିଳନୀରେ ଅଂଶ ଗ୍ରହଣ କରିଛି (ଯୋଗ ଦେଇଛି) । କିନ୍ତୁ ଜଲ୍‌ସା ଦିନରେ ଯାହା ମୁଁ ଦେଖିଲି ତାହା ପ୍ରକୃତରେ ଅନନ୍ୟ, ଅପ୍ରତୀମ ଓ ଆଦର୍ଶ ପ୍ରସଙ୍ଗ ଥିଲା । ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳାର ଏକ ଅମୂଲ୍ୟ ଶିକ୍ଷା ମିଳୁଥିଲା । 10,000 ସ୍ୱେଚ୍ଛାସେବୀମାନଙ୍କର ଉପସ୍ଥିତି ଏକ ବିଚିତ୍ର ଚମତ୍କାର ଥିଲା । ପ୍ରତ୍ୟେକ ବ୍ୟକ୍ତି ଅଦୃଷ୍ଟାନ୍ତନୀୟ ନୀସ୍ୱାର୍ଥପର ମନୋଭାବ ରଖି ସମସ୍କନ୍ଧ ହୋଇ ସେବା କରୁଥିଲା । ମୁଁ ଜଣେ ସ୍ୱେଚ୍ଛାସେବୀ କର୍ମୀକୁ ଦେଖିଲି। ତା'ର ହାତ ଆହତ ଥିଲା । ଯଦଓ ତା' ହାତରେ ପଟି (କନା) ବନ୍ଧା ହୋଇଥିଲା। କିନ୍ତୁ ସ୍ମିତହାସ୍ୟତାର ସହିତ ସେହି ସ୍ୱେଚ୍ଛାସେବୀ କର୍ମୀ ଅନ୍ୟମାନଙ୍କର ସେବା କରୁଥିଲା । ମୁଁ ଡାକ୍ତରମାନଙ୍କୁ, ପ୍ରୋଫେସ୍‌ନାଲ୍‌ସ, ବିଜ୍‌ନେସ୍ ମ୍ୟାନ୍, ପି.ଏଚ୍. ଡ଼ି ଡିଗ୍ରୀଧାରୀମାନଙ୍କୁ ସାକ୍ଷାତ୍ କଲି । ସମସ୍ତେ ବିନୀତ ଓ ଦୃଢ ସଂକଳ୍ପର ସହିତ ସେବା ସମ୍ପାଦନ କରୁଥିଲେ । ଯେଉଁ ଡ୍ରାଇଭର (ଗାଡ଼ି ଚାଳକ) ଆମମାନଙ୍କୁ ଜଲ୍‌ସା ସାଲାନା ନେଇ ଯାଇଥିଲା । ଯେତେବେଳେ ମୁଁ ତା'କୁ ତା'ର ବୃତ୍ତି ସଂପର୍କରେ ପଚାରିଲି ସେତେବେଳେ ସେ କହିଲା, ଆଜ୍ଞା ମୁଁ ବାୟୋ କେମେଷ୍ଟ୍ରୀରେ ପି.ଏଚ. ଡ଼ି କରିଛି । ଉକ୍ତ କଥାର ମୋ ଉପରେ ଗଭୀର ପ୍ରଭାବ ପଡ଼ିଲା । କମ୍ୟୁନିଟିର (ଗୋଷ୍ଠୀ) ସ୍ୱାର୍ଥ ତଥା ଅଭିପ୍ରାୟ ସକାଶେ ଏପରି ଆସ୍ଥା ଏବଂ ବିନୀତତା ମୁଁ ନିଜ ଜୀବନରେ କେବେ ବି ଅନୁଭବ କରି ନାହିଁ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ମହୋଦୟ ପୁନଶ୍ଚ କୁହନ୍ତି: "କାର୍ଯ୍ୟକ୍ରମ ବହୁତ ଭଲ ଥିଲା । ସିକ୍ୟୁରିଟିର ବ୍ୟବସ୍ଥା ମଧ୍ୟ ବହୁତ ଭଲ ଥିଲା । ସେ ଯାହା ହେଉ ପ୍ରତ୍ୟେକ ବସ୍ତୁର ମୋ ଉପରେ ଗଭୀର ଓ ଅଧିକ ସମୟ ପର୍ଯ୍ୟନ୍ତ ପ୍ରଭାବ ପଡ଼ିଛି । ମୁଁ ନିଜ ଦେଶକୁ ଫେରୁଛି । କିନ୍ତୁ ମୋ ନିକଟରେ ନିଜ ସହକାରୀ ପୋଲିସ୍ ଅଧିକାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାଣ୍ଟିବା ପାଇଁ ଅନେକ କିଛି ଜିନିଷ ଅର୍ଥାତ ସ୍ମୃତି ରହିଛି । ଏହି ସ୍ମୃତିକୁ ମୁଁ ଏଠାରୁ ନେଇ ସ୍ୱଦେଶକୁ ଫେରୁଛି।"

ହୁଜୁର ଅନ୍ୱର୍ ଅ.ବ କହିଲେ, ବେଲ୍‌ଜିୟମ୍‌ର ଜଣେ ଯୁବକ ଯାହାଙ୍କର ନାମ HansNoot ସାହେବ ଅଟେ । ଏହି ମହୋଦୟ ଯୁବକ ଜଣକ ମାନବାଧିକାର ସଂଘ ଏଚ୍.ଆର୍.ଡବ୍ଲୁ(HRWF)ର ପ୍ରତିନିଧି ଅଟନ୍ତି । ସେ ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିଲେ । ସେ କୁହନ୍ତି: "ଏହି ଅସାଧାରଣ ସମ୍ମିଳନୀର ଅଂଶ ହେବା ମୋ ପାଇଁ ପ୍ରକୃତ ସୌଭାଗ୍ୟ ଏବଂ ଆନନ୍ଦର କଥା ଥିଲା । ଏହା କେବଳ ଏକ ସ୍ମୃତି ନୁହେଁ । ବରଂ ଆପଣଙ୍କର ଉଷ୍ମତାମୂଳକ ଉତ୍ସାହ ଏବଂ ଉତ୍କୃଷ୍ଟ ଅତିଥି ସତ୍କାରକ ଯୋଗୁଁ ମୋ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି ଏବଂ ଏହା ମୋ ପାଇଁ ଏକ ଅଭିଜ୍ଞତା ପୂର୍ଣ୍ଣ ସ୍ମୃତି ପାଲଟି ଯାଇଛି । ଏତେ ବ୍ୟାପକ ସ୍ତରରେ ଏକ ସମ୍ମିଳନୀର ଆୟୋଜନ ଯହିଁରେ ହଜାର ହଜାର ଲୋକମାନେ ଅନେକ ଦିନ ପର୍ଯ୍ୟନ୍ତ ସାମିଲ୍ ହୋଇ ରହିଲେ । ଅତଏବ୍ ନିଃସନ୍ଦେହ ରୂପେ ଏହା ଏକ ଅସାଧାରଣ ସଫଳତା ଅଟେ । ସ୍ୱେଚ୍ଛାସେବୀମାନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ମୋତେ ଏହା ଜ୍ଞାତ ହେଲା ଯେ, କିପରି ପ୍ରତ୍ୟେକ ବିଭାଗ ଅନେକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଦେଇ ଥାଆନ୍ତି । ଦାୟିତ୍ୱ ବଣ୍ଟା ଯାଇଥାଏ ଏବଂ ସଦସ୍ୟବୃନ୍ଦମାନଙ୍କୁ ଅତ୍ୟନ୍ତ ସ୍ପଷ୍ଟ ଉପାୟରେ ତାଲିମ୍ ପ୍ରଦାନ କରି ଦିଆଯାଇଥାଏ । ମୋତେ କେବଳ ବ୍ୟବସ୍ଥାଜନିତ ଅଭିଜ୍ଞତା ପ୍ରଭାବିତ କଲା ନାହିଁ । ବରଂ ବ୍ୟବସ୍ଥା ପଛରେ ଥିବା ମୌଳିକ ଚାରିତ୍ରିକତା ମଧ୍ୟ ବେଶ୍ ପ୍ରଭାବଶାଳୀ ଦୃଶ୍ୟମାନ ହେଲା । ତାଲିମ୍ ଓ ସଂସ୍କାର ପ୍ରଦାନକାରୀ ଲୋକମାନେ କେବଳ ନିୟମ ଏବଂ ଶୃଙ୍ଖଳା ସଂପର୍କରେ ସ୍ପଷ୍ଟୀକରଣ ପ୍ରଦାନ କରନ୍ତି ନାହିଁ । ବରଂ ଅଲ୍ଲାଃତାଲା ଏବଂ ମାନବତାର ସେବା ଅତ୍ୟନ୍ତ ବିନୀତତା ଓ ପ୍ରତ୍ୟେକ ଅତିଥିଙ୍କୁ ସମ୍ମାନ ଜଣାଇବା ଏବଂ ସେମାନଙ୍କର ଅତିଥି ସତ୍କାର କରିବା ଭଳି ମର୍ଯ୍ୟାଦା ଅତ୍ୟନ୍ତ ଶୋଭା ପ୍ରଦାନକାରୀ ମର୍ଯ୍ୟାଦା ସମ୍ପନ୍ନ ଆଟନ୍ତି । ଏହି ମର୍ଯ୍ୟାଦା ପ୍ରତ୍ୟେକ ଦାୟିତ୍ୱରେ ଅନନ୍ୟ ରୂପେ ଦୃଶ୍ୟମାନ ହେଉଥିଲା। କାର୍ ପାର୍କିଂରେ ମାର୍ଗଦର୍ଶନ କରୁଥିବା ଲୋକମାନେ, ଟଏଲେଟ୍ ସଫା କରୁଥିବା, ଖାଦ୍ୟ ପରସୁ ଥିବା କର୍ମୀମାନେ, ପଞ୍ଜିକରଣ କରୁଥିବା କର୍ମୀମାନେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

କିମ୍ବା ସିକ୍ୟୁରିଟି ସ୍ଥାନରେ ବ୍ୟାଗ୍ ଚେକ କରୁଥିବା ପ୍ରତ୍ୟେକ ସଦସ୍ୟବୃନ୍ଦ ନିଜ ନିଜର ଦାୟିତ୍ୱକୁ ଅତ୍ୟନ୍ତ ଦାୟିତ୍ୱ ସହକାରେ ଓ ବିନମ୍ରତାର ସହିତ ନିର୍ବାହ କରୁଥିଲେ। ଜଣେ ଅଣ ଜମାଅତୀୟ ଅତିଥି ହିସାବରେ ମୁଁ ଅତ୍ୟନ୍ତ ସୁବ୍ୟବସ୍ଥିତ, ଶୃଙ୍ଖଳିତ ସଂପ୍ରଦାୟ ଦେଖିଲି । ମୁଁ କୌଣସି ବଡ଼ ସମସ୍ୟା ସଂପର୍କରେ ଚର୍ଚ୍ଚା ଶୁଣି ନାହିଁ କିମ୍ବା ସଂଘର୍ଷ ଦେଖି ନାହିଁ । ଉକ୍ତ ପ୍ରସଙ୍ଗ ଏହା ସୂଚାଏ ଯେ, ଆପଣଙ୍କର ଜମାଅତ୍ ଶାନ୍ତି ଏବଂ ଅତ୍ୟାଚାର ବ୍ୟବହାରିକ ପନ୍ଥାକୁ ଅତି ଗଭୀରତାର ସହିତ ଆପଣାଇ ନେଇଛି।"

ହୁଜୁର ଅନ୍ୱର୍ ଅ.ବ କହିଲେ, HansNoot ସାହେବ ପୁନଶ୍ଚ କୁହନ୍ତି: "ମୁଁ ଯେଉଁ ଅନନ୍ୟ ପକ୍ଷ ଦେଖିଲି ତାହା ଶିକ୍ଷା ଏବଂ ଉନ୍ନତିମୂଳକ ଚିନ୍ତା ନିମନ୍ତେ ଆପଣଙ୍କ ଜମାଅତ୍ ଗମ୍ଭୀର ଓ ସଚେତନ ଅଟେ । ଜଲ୍‌ସା ସମୟରେ ଶିକ୍ଷା କ୍ଷେତ୍ରରେ ଏବଂ ଅନନ୍ୟ ସ୍ଥାନ ଅଧିକାର କରିଥିବା ଛାତ୍ରମାନଙ୍କର ନାମ ଘୋଷଣା କରାଗଲା । ଏହା ବ୍ୟକ୍ତିଗତ ଉନ୍ନତି ଆଡ଼କୁ ଏକ ପଦକ୍ଷେପ ଓ ଜ୍ଞାନାତ୍ମକ ସମ୍ମାନ ପ୍ରତିଫଳିତ କରିଥାଏ। ଜଲ୍‌ସା ସମୟରେ ମୁଁ ପ୍ରକୃତ ସହାନୁଭୂତି ଦେଖିଲି । ଅଭିଭାବକମାନଙ୍କର ସନ୍ତାନମାନଙ୍କ ପ୍ରତି ଥିବା ସଦୟ ଭାବ, ଗ୍ରୁପ୍ ଲିଡ଼ରମାନଙ୍କର ନିଜର ଦଳର ଖବର ରଖିବା, ସ୍ୱେଚ୍ଛାସେବୀମାନେ ନିଜେ ସାହାଯ୍ୟ ନିମନ୍ତେ ଆଗେଇ ଆସିବା, ଅତିଥି ହୁଅନ୍ତୁ ଅବା ଅପରିଚିତ ତଥା ଆଜ୍ଞାତ ବ୍ୟକ୍ତି ହୁଅନ୍ତୁ ସେହି ସ୍ୱେଚ୍ଛାସେବୀ କର୍ମୀମାନେ ଅତିଥି ଓ ଅପରିଚିତ ବ୍ୟକ୍ତିଙ୍କୁ ପଚାରୁଥିଲେ କି ଆମେମାନେ ଆପଣଙ୍କର କି ସେବା କରିପାରିବୁ ? ସାମୂହିକ ରୂପେ ଲୋକମାନେ ନିଜର ଦାୟିତ୍ୱ ଠାରୁ ବଳି ସେବା କରୁଥିବାର ଦୃଶ୍ୟମାନ ହେଉଥିଲେ । ଏହା ଦେଖି ମୁଁ ଅତ୍ୟନ୍ତ ପ୍ରସନ୍ନ ଓ ଆଶ୍ଚର୍ଯ୍ୟଚକିତ ହେଲି ଯେ, ଆପଣଙ୍କ ଆସ୍ଥା ଅନୁଯାୟୀ ଅଲ୍ଲାଃତାଲା ଆଜି ମଧ୍ୟ ମନୁଷ୍ୟମାନଙ୍କ ସହିତ ବାର୍ତ୍ତାଳାପ ହୁଅନ୍ତି ଏବଂ ଅଲ୍ଲାଃତାଲା ନିଜର ବିଶେଷ ଗୁଣାବଳୀକୁ ପରିତ୍ୟାଗ (ଛାଡ଼ି)କରିଦେଇ ନାହାନ୍ତି । ବରଂ ପୁଣ୍ୟବାନ୍ ତଥା ସଦାଚାରୀ ବ୍ୟକ୍ତିର ନେତୃତ୍ୱରେ ଓ ନିଜର ଐଶୀବାଣୀ ମାଧ୍ୟମରେ ଅଲ୍ଲାଃତାଲା ନିଜର କାମ ଜାରି ରଖିଛନ୍ତି ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ବ୍ରାଜିଲ୍‌ର ପ୍ରାଦେଶିକ ସାଂସଦ ୟୁରି ମୁରା (Yuri Moura) ସାହେବ ଅଟନ୍ତି । ସେ କୁହନ୍ତି ଯେ, ଜଲ୍‌ସାରେ ଇସ୍‌ଲାମ୍ ଧର୍ମର ତାତ୍ତ୍ୱିକପୂର୍ଣ୍ଣ ଶିକ୍ଷା ସମ୍ବନ୍ଧରେ ଜାଣି ମୁଁ ହୃଦୟରୁ ବେଶ୍ ଆନନ୍ଦିତ ହେଲି । ନମାଜ୍‌ର ଦୃଶ୍ୟ ଅତ୍ୟନ୍ତ ଆଧ୍ୟାତ୍ମିକ ପୂର୍ଣ୍ଣ ଥିଲା । ସେହିପରି ଯେଉଁ ନମାଜ୍ ପାଠ କରାଯାଇଥିଲା ତାହା ହୃଦୟରେ ଅବତୀର୍ଣ୍ଣ ହୋଇ ଚାଲିଲା । ଏହା ମୋ ପାଇଁ ଅବିସ୍ମରଣୀୟ ଅନୁଭବ ଥିଲା । ଅତିଥି ସତ୍କାରକ ବିଷୟରେ ଉପସ୍ଥିତ ଖଲିଫାଙ୍କର ଯେଉଁ ଉଦ୍‌ବୋଧନ ରହିଥିଲା ତାହା ମୋ ଉପରେ ଗଭୀର ପ୍ରଭାବ ପକାଇଥିଲା । ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି ଯେ, ଜଲ୍‌ସାର ବ୍ୟବସ୍ଥା ସାମୟିକ ବ୍ୟବସ୍ଥା ଥିଲା ଏବଂ 46,000 ଲୋକମାନେ ଏଠାରେ ଏକତ୍ରିତ ହୋଇଥିଲେ । ମୁଁ ନିଜ ଆଖିରୁ ଛୋଟ ଛୋଟ ପିଲାମାନଙ୍କୁ ଦେଖିଲି, ସେମାନେ ସ୍ୱୟଂ ଏହି ଇଚ୍ଛା ପ୍ରକାଶ କରୁଥିଲେ ଯେ, ସେମାନେ ଲୋକମାନଙ୍କୁ ଜଳପାନ କରାଇ ଲୋକସେବା କରିବେ । ମାନବ ସେବା ଓ ବଳିଦାନର ଉତ୍ସାହ ସଂସ୍କାରସଂପନ୍ନ ହୃଦୟରେ ହିଁ ହୋଇପାରିବ । ପୁନଶ୍ଚ ମୁଁ ତହିଁରୁ ମଧ୍ୟ ପ୍ରଭାବିତ ହେଲି ଯେ, ବାସ୍ତବରେ ଅହମଦିମାନେ ପ୍ରେମକାରୀ, ସଭ୍ୟ, ଶିଷ୍ଟ, ଶିକ୍ଷିତ ଏବଂ ନିଷ୍ଠାପର ଲୋକ ଅଟନ୍ତି । ଅହମଦିୟା ସଂପ୍ରଦାୟ ଏପରି ଏକ ସଂପ୍ରଦାୟ ଅଟେ ଯେ, ଯିଏ ମନୁଷ୍ୟ ଜାତି, ଧର୍ମ ମଧ୍ୟରେ ଦୂରତା ସୃଷ୍ଟି କରିବା ପରିବର୍ତ୍ତେ ପ୍ରେମ ଓ ଆନ୍ତରୀକତା ଦ୍ୱାରା ହୃଦୟକୁ ଯୋଡ଼ିବାର ଶିକ୍ଷା ଦେଇଥାଏ। ଏହା ନିରାଟ ସତ୍ୟ ଯେ, ଜମାଅତ୍ ଅହମଦିୟା ଯେଉଁ ଶିକ୍ଷା ପ୍ରଦାନ କରେ ତାହାକୁ କାର୍ଯ୍ୟକାରୀ ମଧ୍ୟ କରିଥାଏ । ଏହା ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ ଉଦାହରଣ ଅଟେ। ଏସବୁ କଥା ଦେଖି ମୋର ହୃଦୟ ଦୃଢୀଭୂତ ହୋଇଯାଇଛି । ମୋର ଧାରଣା ମଧ୍ୟ ମାନବତା ପ୍ରତି ଅଧିକ ମାର୍ଜିତ ହୋଇଯାଇଛି । ମହୋଦୟ କୁହନ୍ତି: "ଆପଣଙ୍କ ଧର୍ମ ମୋ ଧର୍ମ ଠାରୁ ଭିନ୍ନ ହୋଇପାରେ । କିନ୍ତୁ ଏହା ଏପରି ଏକ ଧର୍ମ ଯାହା ମନୁଷ୍ୟମାନଙ୍କୁ ପୃଥକ୍ କରି ନଥାଏ । ବରଂ ମନୁଷ୍ୟମାନଙ୍କୁ ପରସ୍ପର ସହିତ ଯୋଡ଼ିଥାଏ । ମୋର ଏହି ପ୍ରାର୍ଥନା ରହିଛି ଯେ, ଆପଣମାନେ ସର୍ବଦା ଏହି ପ୍ରକାଶର ବତୀଘର ହୋଇ ରୁହନ୍ତୁ । ଜମାଅତ୍ ଅହମଦିୟା ବ୍ରାଜିଲ୍ ଠାରେ ଓ ସମଗ୍ର ବିଶ୍ୱରେ ଶାନ୍ତିରେ ରହୁ ଓ ଉନ୍ନତି କରିଚାଲୁ । ମୁଁ ବିଶେଷକରି ବ୍ରାଜିଲ୍ ଦେଶର ନାଗରିକମାନଙ୍କୁ କହିବାକୁ ଚାହୁଁଛି ଯେ, ସେମାନେ ଜମାଅତ୍ ଅହମଦିୟାକୁ ଆସି ଦେଖନ୍ତୁ ଯେ, ଅହମଦିମାନେ ସମଗ୍ର ସଂସାରରେ ଆଧ୍ୟାତ୍ମିକ, ଧାର୍ମିକ, ଶୈକ୍ଷିକ ତଥା ଜ୍ଞାନଭିତ୍ତିକ ଓ ମାନବିକ କ୍ଷେତ୍ରରେ କିପରି ନିଜର ଭୂମିକା ନିର୍ବାହ କରୁଛନ୍ତି ?"

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ରୋସ୍ତିଓ କାର୍ଟସ୍ ସାହେବା ନାମକ ଜନୈକା (ଜଣେ) ମହିଳା ଅଟନ୍ତି । ମହୋଦୟା ଚିଲ୍ଲିର ନାଗରିକ ଅଟନ୍ତି । ମହୋଦୟା କ୍ୟାଥୋଲିକ ୟୁନିଭର୍ସିଟିରେ ଥିଓଲୋଜି ଏବଂ ଇଣ୍ଟରଫେଥ୍ ଡାଇଲଗ୍‌ର ଅଧ୍ୟାପିକା ଅଟନ୍ତି । ମହୋଦୟା ବିଭିନ୍ନ ଆନ୍ତର୍ଜାତିକ ସମ୍ମିଳନୀ ତଥା ସମାରୋହରେ ସାମିଲ୍ ହୋଇଛନ୍ତି । ଚଳିତ ବର୍ଷ ଜଲ୍‌ସା ସାଲାନାରେ ମହୋଦୟା ସାମିଲ୍ ହୋଇଥିଲେ । ମହୋଦୟା କୁହନ୍ତି ଯେ, ଜଲ୍‌ସା ଭଳି ସମ୍ମିଳନୀରେ ଏତେ ସୁଗମତା ଓ ଉତ୍କୃଷ୍ଟତାର ସହିତ ପ୍ରତ୍ୟେକ ପକ୍ଷର ବ୍ୟବସ୍ଥା କରାଯାଇଛି ଯେ, ଏହା ଅନନ୍ୟ ସମ୍ମିଳନୀ ତଥା ସମାରୋହ ବୋଲି ପ୍ରତିତ ହେଉଛି । ମହୋଦୟା ଉଲ୍ଲେଖ କରିଛନ୍ତି ଯେ, ପ୍ରଥମ ଦିନରେ ତାଙ୍କର ଏହି ଉଦ୍ୟମ ରହିଥିଲା କି ଯଥାସମ୍ଭବ ସ୍ୱଳ୍ପାହାର କରାଯାଉ ଓ ସ୍ୱଳ୍ପ ପାନୀୟ ପଦାର୍ଥ ପାନ କରାଯାଉ । ଅର୍ଥାତ୍ କମ୍ ଖିଆଯାଉ ଓ ପିଆଯାଉ । କାରଣ ୱାଶ୍ ରୁମ୍ ଯିବାର ଆବଶ୍ୟକତା ଯେପରି ନପଡୁ । ମହୋଦୟାଙ୍କ ଏହି ଧାରଣା ରହିଥିଲା କି ଏତେ ବଡ଼ ଜନସମାଗମକୁ ଦୃଷ୍ଟିରେ ରଖି ଯେପରି ସାଂସାରିକ ମେଳା ହୋଇଥାଏ ଠିକ୍ ସେହି ଅବସ୍ଥା ଜଲ୍‌ସାରେ ମଧ୍ୟ ହେବ । ୱାଶ୍‌ରୁମ୍‌ଗୁଡ଼ିକ ଅସନା ହୋଇଥିବ ଏବଂ ତାହା ବ୍ୟବହାରଯୋଗ୍ୟ ହୋଇ ନଥିବ । ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ସେ ଯାହା ହେଉ ମହୋଦୟାଙ୍କୁ ଯେତେବେଳେ ଶୌଚାଳୟ ଯିବାର ଆବଶ୍ୟକତା ପଡ଼ିଲା ସେତେବେଳେ ମହୋଦୟା ଶୌଚାଳୟର ସ୍ୱଚ୍ଛତାକୁ ଦଖି ଆବାକ୍ ହୋଇ ଯାଇଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ପରବର୍ତ୍ତୀ ସମୟରେ ଆମର ଜଣେ ପ୍ରତିନିଧି ଯାହାଙ୍କ ସହିତ ମହୋଦୟା ଥିଲେ, ତାଙ୍କୁ କହିଲେ, ଆପଣମାନଙ୍କର ସ୍ୱଚ୍ଛତାର ଯେଉଁ ସ୍ତର ରହିଛି ତାହା ଅଦୃଷ୍ଟାନ୍ତନୀୟ ଅଟେ ଏବଂ ଶୌଚାଳୟଗୁଡ଼ିକ ଏପରି ଚକ୍ଚକ୍ ଦେଖାଯାଉଛନ୍ତି ଯେପିରିକି ସେହି ଶୌଚାଳୟଗୁଡ଼ିକୁ କେହି ବ୍ୟବହାର କରି ନାହାନ୍ତି। ହୁଜୁର ଅନ୍ୱର୍ ଅ.ବ କହିଲେ, କେତେକ ଲୋକ ଅଭିଯୋଗ ମଧ୍ୟ କରିଛନ୍ତି ଯେ, ସ୍ନାନାଗାର ଅପରିଷ୍କାର ଥିଲା । କିନ୍ତୁ ଆମ ଅହମଦି ଲୋକମାନେ ହେଉଛନ୍ତି ଅଭିଯୋଗକାରୀ । ହୁଜୁର ଅନ୍ୱର୍ ଅ.ବ କହିଲେ, ମୁଁ ଅହମଦିମାନଙ୍କୁ ତ' ଅନେକ ଥର କହି ସାରିଛି ଯେ, ସେମାନେ ସ୍ୱୟଂ ସାହାଯ୍ୟ କରି ଦିଅନ୍ତୁ । ଅହମଦିମାନେ ଯେତେବେଳେ ନିଜେ ଶୌଚାଳୟ ଏବଂ ସ୍ନାନାଗାର ବ୍ୟବହାର କରୁଛନ୍ତି ବ୍ୟବହାର କରି ସାରିବା ପରେ ଶୌଚାଳୟ ଏବଂ ସ୍ନାନାଗାରକୁ ଭଲ ଭାବରେ ସଫା କରି ଆସନ୍ତୁ । ଯଦି ପ୍ରତ୍ୟେକ ଅହମଦି ଏଥିପ୍ରତି ଧ୍ୟାନ ଦିଅନ୍ତି ତେବେ ଏହି ସ୍ତର ଆହୁରି ଉନ୍ନତ ଓ ଅଧିକ ମାର୍ଜିତ ହୋଇପାରିବ । ସେହିପରି ମହୋଦୟା ଜମାଅତ୍‌ର ପାରସ୍ପାରିକ ଭ୍ରାତୃତ୍ୱତା, ଏକେଶ୍ୱରବାଦ ସଂପର୍କରେ ଚର୍ଚ୍ଚା କରିଛନ୍ତି ଯେ, ଆମେମାନେ ଲାଟିନ୍ ଆମେରିକାରୁ ଆସିଅଛୁ ଏବଂ ଆମେମାନେ ଅଣଅହମଦି ଅତିଥି ମଧ୍ୟ ଥିଲୁ । ଆପଣମାନଙ୍କର ଚାଲି ଚଳଣ ଓ ଆଚରଣରେ ଆମେମାନେ ନିଜକୁ ରଙ୍ଗୀନ କରି ଦେଇଅଛୁ । ଆପଣଙ୍କ ଜଲ୍‌ସାର ପ୍ରଭାବରେ ଆମମାନଙ୍କ ମଧ୍ୟରେ ଏହି ଆତ୍ମା ପ୍ରତିଷ୍ଠିତ ଓ ସ୍ଥାପିତ ହୋଇଯାଇଅଛି । ଜଲ୍‌ସା ପୂର୍ବରୁ ଆମେମାନେ ପରସ୍ପରକୁ ଜାଣି ନଥିଲୁ । କିନ୍ତୁ ଜଲ୍‌ସା ମାଧ୍ୟମରେ ବର୍ତ୍ତମାନ ଏପରି ଅନୁଭବ ହେଉଛି ଯେପରିକି ଆମେମାନେ ସମସ୍ତେ ଗୋଟିଏ ପରିବାର ଅଟୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବେନିନ୍‌ରୁ ଚାବି ଆଦମ୍ ତାରୋ ସାହେବା ନାମକ ଜଣେ ମହିଳା ଅତିଥି ଜଲ୍‌ସାକୁ ଆସିଥିଲେ । ଆପଣ ମିନିଷ୍ଟର୍ ଫର୍ ସୋସିଆଲ୍ ଆଫେୟାର୍ସ ମଧ୍ୟ ରହି ସାରିଛନ୍ତି । ଆପଣ ବର୍ତ୍ତମାନ ନ୍ୟାସ୍‌ନଲ୍ ଆସେମ୍ବ୍ଲୀର ପ୍ରେଜିଡେଣ୍ଟଙ୍କ ପଲିଟିକାଲ ଟେକ୍ନୋଲୋଜି ଆଡ଼ଭାଇଜର୍ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ମହୋଦୟା କୁହନ୍ତି ଯେ, ଏହା ମୋର ପ୍ରଥମ ଅଭିଜ୍ଞତା ଯେ, ମୁଁ ଜଲ୍‌ସା ସାଲାନାରେ ସାମିଲ୍ ହେଉଛି । ମୁଁ ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ସାମିଲ୍ ହୋଇ କୃତଜ୍ଞତା ଜ୍ଞାପନ କରୁଛି । ଏହି ସମ୍ମିଳନୀକୁ ଜମାଅତ୍ ଅହମଦିୟା ଅତ୍ୟନ୍ତ ଉତ୍ତମ ଏବଂ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଢଙ୍ଗରେ ଆୟୋଜନ କରିଛି । ଉକ୍ତ ସମ୍ମିଳନୀରେ ଜମାଅତ୍ ଅହମଦିୟା ମୋତେ ସାଧୁବାଦ ଜଣାଇ ମୋର ଭବ୍ୟ ସ୍ୱାଗତ ମଧ୍ୟ କରିଛି। ଜଲ୍‌ସା ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାପୂର୍ଣ୍ଣ ଥିଲା । ସମସ୍ତ ଦଳ ନିଜ ନିଜର ଭୂମିକା ନିର୍ବାହ କରିଛନ୍ତି ଏବଂ ଉପସ୍ଥିତ ଖଲିଫାଙ୍କ ସନ୍ଦେଶ ଉକ୍ତ ଅନୁଷ୍ଠାନକୁ ଆହୁରି ଉଚ୍ଚ କରି ଦେଇଛି । ମୁଁ ଏଠାରୁ ଅନେକ କିଛି କଥା ଶିଖି ଯାଉଛି । ଏଠାରେ ଜଲ୍‌ସା ସାଲାନା ହେଉଛି ଏକତାର ପରିପ୍ରକାଶକ ଓ ପ୍ରତୀକ । ଏଠାରେ ନାନା ଭାଷାଭାଷୀ, ସଂସ୍କୃତି ସହିତ ସଂପର୍କ ରଖୁଥିବା ଭାଇ ଭଉଣୀମାନେ ଏକତ୍ରିତ ହୋଇଥାଆନ୍ତି ଏବଂ ଅଲ୍ଲାଃତାଲା ଓ ପବିତ୍ର କୁରଆନ୍ କରୀମ୍‌ର ହିଁ ଶିକ୍ଷା ସହିତ ସଂଶ୍ଳିଷ୍ଟ ରହିଥାଆନ୍ତି । ମୁଁ ଏହି ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି ଏବଂ ଜାତୀୟ ଆସେମ୍ବ୍ଲୀର ରାଷ୍ଟ୍ରପତ୍ତି ଓ ଜନସାଧାରଣଙ୍କ ପକ୍ଷରୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି ଯେଉଁମାନେ ଏତେ ଉଷ୍ତପୂର୍ଣ୍ଣ ଉତ୍ସାହ ଦ୍ୱାରା ମୋର ରହିବା ଏବଂ ଖାଇ ପିଇବାର ବ୍ୟବସ୍ଥ କଲେ,


### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ମୋତେ ସ୍ୱାଗତ ଜଣାଇଲେ ଏବଂ ମୋ ପ୍ରତି ଉତ୍ତମ ଆଚରଣ ମଧ୍ୟ ପ୍ରଦର୍ଶନ କଲେ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆର୍ଜେଣ୍ଟିନାର ଗାସ୍ତନ ଓକାମ୍ପୋ (Gaston Ocampo) ନାମକ ଜନୈକ ଅତିଥି ଅଟନ୍ତି । ଆପଣ ବର୍ତ୍ତମାନ ପର୍ତ୍ତୁଗାଲରେ ବାସ କରନ୍ତି । ଆପଣ ଆଇ.ପି.ଡ଼ି.ଏ.ଏଲ୍ (IPDAL) ନାମକ ଏକ ପ୍ରସିଦ୍ଧ ତଥା ଜଣାଶୁଣା ଥିଙ୍କ୍ ଟ୍ୟାଙ୍କ ରହିଛି, ସେଥିରେ ଆପଣ ସେକ୍ରେଟାରୀ ଜେନେରାଲ୍ ଭାବରେ ଦାୟିତ୍ୱ ତୁଲାଉଛନ୍ତି । ଆପଣଙ୍କର ଧର୍ମମତ କ୍ୟାଥୋଲିକ୍ ଅଟେ । କିନ୍ତୁ ଆପଣ ଇସ୍‌ଲାମ୍ ଧର୍ମ ପ୍ରତି ରୁଚି ରଖନ୍ତି । ମହୋଦୟ କୁହନ୍ତି: "ଜଲ୍‌ସା ସମୟରେ ମୋତେ ଆପଣଙ୍କ ଜମାଅତ୍‌ର ଅନେକ ବିଶେଷତାକୁ ଦେଖିବାକୁ ସୁଯୋଗ ପ୍ରାପ୍ତ ହେଲା । ସେହି ବିଶେଷତା ମଧ୍ୟରୁ ସବୁଠୁ ବୃହତ୍ ପକ୍ଷ ମୋତେ ଏହା ଦୃଶ୍ୟମାନ ହେଲା ଯେ, ଆପଣଙ୍କ ଯୁବକମାନେ ନିଜର ଧର୍ମ ସହିତ ସଂଶ୍ଳୀଷ୍ଟ ରହିଛନ୍ତି ଏବଂ ନିଜର ଶିକ୍ଷା ଉପରେ ଦୃଢ ରୂପେ କାର୍ଯ୍ୟାନୁସରଣ କରୁଛନ୍ତି । ଆମ ସମାଜରେ ଅନେକ ଲୋକମାନେ ପ୍ରଥା ଏବଂ ପରମ୍ପରାଗତ ଖ୍ରୀଷ୍ଟ ଧର୍ମର ଲୋକମାନେ ଅଛନ୍ତି ଏବଂ ନିଜର ଶିକ୍ଷା ଉପରେ ସେମାନେ କାର୍ଯ୍ୟାନୁସରଣ କରନ୍ତି ନାହିଁ । ସେହିପରି ଆମମାନଙ୍କର କ୍ୟାଥୋଲିକ୍ ଅନୁଷ୍ଠାନ, ତଥା ଉତ୍ସବ ଓ ସମାରୋହରେ ଅଧିକ ଲୋକସଂଖ୍ୟା ବୟସ୍କ ବ୍ୟକ୍ତିମାନଙ୍କର ବର୍ଗ ରହିଛି । ଅପରପକ୍ଷେ ଆପଣଙ୍କ ଜଲ୍‌ସାରେ ସେବା କେବଳ ଅଂଶଗ୍ରହଣକାରୀ ଉପରେ ନ୍ୟସ୍ତ ହୋଇ ନଥାଏ । ବରଂ ପ୍ରମୁଖ ସେବା ଦାୟିତ୍ୱ ଯୁବକମାନଙ୍କ ଉପରେ ମଧ୍ୟ ନ୍ୟସ୍ତ କରାଯାଇଛି । ଏହି ବ୍ୟବସ୍ଥାକୁ ଦେଖି ମୋତେ ବହୁତ ଭଲ ଲାଗିଲା । ତତ୍‌ସହିତ କ୍ୟାଥୋଲିକ୍ ମତାବଲମ୍ବୀ ହେବା ଦୃଷ୍ଟିରୁ ମୁଁ ନିଜକୁ ଲଜ୍ଜିତ ମଧ୍ୟ ଅନୁଭବ କଲି ଯେ, ଆମମାନଙ୍କ ମଧ୍ୟରେ ଶୃଙ୍ଖଳାର ସେହି ସ୍ତର ନାହିଁ ଯାହା ଆପଣମାନଙ୍କ ମଧ୍ୟରେ ରହିଛି । ଆପଣଙ୍କ ଜମାଅତ୍‌ର ଲୋକମାନେ ଉପସ୍ଥିତ ଖଲିଫାଙ୍କ ପ୍ରତି ଯେଉଁ ସମ୍ମାନ ପ୍ରଦର୍ଶନ କରି ଥାଆନ୍ତି ତଥା ଯେପରି ଉପସ୍ଥିତ ଖଲିଫାଙ୍କ ସହିତ ଭାବପୂର୍ଣ୍ଣ ସଂପର୍କର ପରିପ୍ରକାଶ କରନ୍ତି ତାହା ଅନନ୍ୟ ଅଟେ ।"

ହୁଜୁର ଅନୱର୍ ଅ.ବ କହିଲେ, ଇଟାଲୀ ଦେଶର ଜର୍ଜିୟା କ୍ୟୁଲେ (Giorgia Lacuele) ନାମକ ଜନୈକା ମହିଳା ଅତିଥି ଅଟନ୍ତି । ମହୋଦୟା ଇଉରୋପୀୟନ୍ ସଂସଦର ଇଟାଲୀ ଦେଶରେ ସରକାରୀ ପ୍ରେସ୍ ଏଜେନ୍‌ସୀର ଡାଇରେକ୍ଟର୍ ଅଟନ୍ତି। ସେ କୁହନ୍ତି ଯେ, ମୁଁ ଭାବିଲି ଏହି ଜଲ୍‌ସାଟି ଏକ ଧାର୍ମିକ ସମ୍ମିଳନୀ ହେବ । କିନ୍ତୁ ମୁଁ ଭୁଲ୍ ଥିଲି । ଜଲ୍‌ସା ସାଲାନା ଏକ ପ୍ରକୃତ ଆବେଗିକ ଅନୁଭୂତି ଅଟେ । ଏହା ମୋର ଆତ୍ମା ଉପରେ ଏକ ଗଭୀର ପ୍ରଭାବ ପକାଇଛି । ଏପରି ପ୍ରତିତ ହେଉଛି ଯେପରିକି ମୁଁ ଏମିତି ଏକ ସଂସାରରେ ପ୍ରବେଶ କରିଯାଇଛି ଯେଉଁଠି ବିଶ୍ୱାସ, ଭ୍ରାତୃତ୍ୱତା ଓ ଆଧ୍ୟାତ୍ମିକତା ଅନୁଭୂତ ହୋଇଥାଏ, ଯେଉଁଠି ଲୋକମାନେ ପରସ୍ପର ସହିତ ଜଡ଼ିତ ଅଟନ୍ତି । ପୃଥିବୀର ବିଭିନ୍ନ କୋଣ ଅନୁକୋଣରୁ ଆଗତ ସହସ୍ର ସହସ୍ର ଲୋକମାନେ ଗୋଟିଏ ଉଦ୍ଦେଶ୍ୟ ରଖି ଏକତ୍ରିତ ହୋଇଥିବାର ଦେଖିବା, ଅଲ୍ଲାଃତାଲା ଓ ମାନବତା ସହିତ ସଂପର୍କକୁ  ମଜଭୂତ କରିବା ମୋ ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ଅଭିଜ୍ଞତା ଥିଲା। ମୋତେ ଯେଉଁ ପ୍ରସଙ୍ଗ ସବୁଠୁ ବେଶୀ ପ୍ରଭାବିତ କରିଥିଲା ତାହା ଭବ୍ୟ ସଂଗଠନ ଥିଲା । ଏହି ଜଲ୍‌ସା ବ୍ୟବସ୍ଥା ସବୁ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ମାଧ୍ୟମରେ ପରିଚାଳିତ ହେଉଥିଲା । ସେହି ସ୍ୱେଚ୍ଛାସେବୀ କର୍ମୀମାନଙ୍କ ମଧ୍ୟରେ ଛୋଟ ପିଲାମାନେ, ଯୁବକମାନେ ଏବଂ ମହିଳାମାନେ ମଧ୍ୟ ସାମିଲ୍ ଥିଲେ। ସମସ୍ତେ ଅତ୍ୟନ୍ତ ଦୟାବାନ ଓ ଉତ୍ତମ ବ୍ୟବହାର ପ୍ରଦର୍ଶନକାରୀ ଥିଲେ । । ଏହି ସମସ୍ତ କର୍ମୀମାନେ ଜମାଅତ୍ ଅହମଦିୟାର ପ୍ରକୃତ ଶାନ୍ତିର ସନ୍ଦେଶ ବାହକ, ସେବା ଓ ନିଃସ୍ୱାର୍ଥପର ପ୍ରେମର ବ୍ୟବହାରିକ ପ୍ରତିଛବି ଅଟନ୍ତି । ଗୋଟିଏ କଥା ସବୁ ଦିନ ପାଇଁ ମୋ ମନରେ ଅଙ୍କିତ ହୋଇ ରହିବ । ତାହା ଦୁଆ ଅଟେ । ଦୁଆ ହେଉଛି ଏପରି ଏକ ମୁହୂର୍ତ୍ତ ଯହିଁରେ ମୋତେ ସାମିଲ୍ ହେବା ନିମନ୍ତେ ସୁଯୋଗ ପ୍ରାପ୍ତ ହେଲା। ଏହି ଦୁଆ ନିରବତା ଏବଂ ଅର୍ଥପୂର୍ଣ୍ଣ ଓ ସଂପର୍କ ଦ୍ୱାରା ପରିପୂର୍ଣ୍ଣ ଥିଲା । ମୋ ନିମନ୍ତେ ଜଲ୍‌ସା ସାଲାନା ଏକ ସମାରୋହ, ସମ୍ମିଳନୀ ନୁହେଁ । ବରଂ ଏହା ମୋ ପାଇଁ ଆତ୍ମସମୀକ୍ଷା ଏବଂ ଅନ୍ୟମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଓ ଚିନ୍ତା କରିବାର ନିମନ୍ତ୍ରଣ ଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଣଅହମଦିମାନଙ୍କ ଉପରେ ମଧ୍ୟ ଏହିପରି ପ୍ରଭାବ ପଡ଼ିଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେପ୍ ୱର୍ଡ୍ରେ ଆଇଲାଣ୍ଡ (Cape Verde Island)ର ରାଜଧାନୀ ପରାୟାର ଭାଇସ୍ ମେୟର୍ ଫର୍ଣ୍ଣାଣ୍ଡା ଜୋର୍ଗେ ତାରାଭେସ୍ ପିଣ୍ଟୋ (Fernanda Jorge Taraves Pinto) ନାମକ ଜନୈକା ମହିଳା ଅତିଥି ଅଟନ୍ତି । ମହୋଦୟ ଜଲ୍‌ସା ସାଲାନାକୁ ଆସିଥିଲେ । ସେ କୁହନ୍ତି ଯେ, ମୁଁ ଜଲ୍‌ସା ସଂକ୍ରାନ୍ତରେ ନିଜର ଭାବାବେଗକୁ ବ୍ୟକ୍ତ କରିପାରିବି ନାହିଁ । ମୋର ବୟସ 65 ବର୍ଷ ଅଟେ ଏବଂ ମୁଁ ବିଶ୍ୱର ବଡ଼ ବଡ଼ ସମ୍ମିଳନୀ ଆଟେଣ୍ଡ କରିଛି । କିନ୍ତୁ ଜଲ୍‌ସା ପରି ବିରାଟ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କନ୍‌ଫରେନ୍‌ସ୍ ମୁଁ କେଉଁଠି ଆଟେଣ୍ଡ କରି ନାହିଁ । ଏହି ଜଲ୍‌ସାରେ 40,000ରୁ ଉର୍ଦ୍ଧ୍ୱ ଲୋକ ସାମିଲ୍ ହେଲେ ଏବଂ ପ୍ରତ୍ୟେକ ସଦସ୍ୟ ପରସ୍ପର ପ୍ରତି ପ୍ରେମ ଓ ଆନ୍ତରୀକତା ସହିତ ସାକ୍ଷାତ୍ କରୁଥିଲା । ସମସ୍ତ ଲୋକମାନେ ଗୋଟିଏ ପରିବାରର ଅଂଶ ପରି ଲାଗୁଥିଲେ । "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟ କୁହନ୍ତି: "ବର୍ତ୍ତମାନ ସଂସାରରେ ଶାନ୍ତି ନିମନ୍ତେ ଈଶ୍ୱରଙ୍କ ଆବଶ୍ୟକତା ରହିଛି । ମୋର ଏହି ଇଚ୍ଛା ରହିଛି କି ଜମାଅତ୍ ଅହମଦିୟାର ଯେଉଁ ବାର୍ତ୍ତା ବା ସନ୍ଦେଶ ରହିଛି ତାହା ଆମ ଦେଶରେ ମଧ୍ୟ ପ୍ରସାରିତ ହେଉ । ଆମମାନଙ୍କ ନେତାମାନଙ୍କ ପର୍ଯ୍ୟନ୍ତ ମଧ୍ୟ ଏହି ସନ୍ଦେଶ ପହଞ୍ଚୁ, ଆମ ଦେଶରେ ମଧ୍ୟ ଜମାଅତ୍ ଅହମଦିୟାର ମିଶନ୍ ହାଉସ୍ ଖୋଲୁ । ମୁଁ ଇମାମ୍ ଜମାଅତ୍‌ଙ୍କ ଭାଷଣ ଶୁଣିଲି । ଇମାମ୍ ଜମାଅତ୍ ଓ ତାଙ୍କର ଭାଷଣ ମୋ ହୃଦୟକୁ ସ୍ପର୍ଶ କରିଛି । ଏହି ସନ୍ଦେଶ ବିଶ୍ୱର ସମସ୍ତ ନେତାମାନଙ୍କୁ ମଧ୍ୟ ଶୁଣିବା ଉଚିତ୍ । କାରଣ ସେହି ନେତାମାନଙ୍କୁ ମଧ୍ୟ ନିଜ ନିଜର ଦାୟିତ୍ୱବୋଧ ହେଉ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବେଲିଜ୍‌ର ଏଥିନ୍ ମାରିୟାନୋ ସାହେବ ନାମକ ଜଣେ ନବ ଦୀକ୍ଷିତ ଅଟନ୍ତି । ସେ କୁହନ୍ତି ଯେ, ଜଲ୍‌ସା ସାଲାନାରେ ସାମିଲ୍ ହେବା ଏବଂ ଉପସ୍ଥିତ ଖଲିଫାଙ୍କୁ ଭେଟି ମୋର ବିଶ୍ୱାସ ଆହୁରି ବୃଦ୍ଧି ପାଇଛି । ମୁଁ ଉପସ୍ଥିତ ଖଲିଫା ପ୍ରତି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଶ୍ୱସ୍ତ ହୋଇ ରହିବି ଓ ମୁଁ ଖିଲାଫତକୁ ବହୁତ ଭଲ ପାଏ । ପାଶ୍ଚାତ୍ୟ ସଭ୍ୟତା ଆମମାନଙ୍କୁ ଏହି ଶିକ୍ଷା ଦିଏ କି ଯଦି କୌଣସି ବ୍ୟକ୍ତି ଆପଣଙ୍କ ପାଇଁ କିଛି କରେ ତେବେ ତା'କୁ କୁହ ଆଜ୍ଞା ସେତିକି ଥାଉ । କିନ୍ତୁ ଏଠାରେ ପ୍ରତ୍ୟେକ ବ୍ୟକ୍ତି ଏହି ଉଦ୍ୟମ କରୁଛି ଯେ, ସେ ଅଧିକରୁ ଅଧିକ ସେବା କରୁ । କାରଣ ତା'କୁ କଲ୍ୟାଣ ପ୍ରାପ୍ତ ହେବ । ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟତା ଠାରୁ ଅଧିକ ସାହାଯ୍ୟ କରୁଛି । ଏହା ଦେଖି ମୁଁ ବେଶ୍ ଖୁସି ହେଲି । କାରଣ ପ୍ରତ୍ୟେକ ବ୍ୟକ୍ତି ବର୍ଣ୍ଣ, ବୟସକୁ ଖାତିର କରୁ ନଥିଲା । ସମସ୍ତେ ପରସ୍ପର ପ୍ରତି ପ୍ରେମ ଓ ଆନ୍ତରୀକତା ପ୍ରଦର୍ଶନ କରି ସେବା କରିବାକୁ ଚାହାନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ମହୋଦୟ କୁହନ୍ତି: "ଲୋକମାନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଏକଥା ସ୍ପଷ୍ଟ ହେଲା ଯେ, ଏଠାରେ ଲୋକମାନେ ମାନବ ସେବାକୁ ନିଜର ବୃତ୍ତି ଅପେକ୍ଷା ଅଧିକ ପ୍ରାଧାନ୍ୟ ଦେଇଥାଆନ୍ତି । ଏହି ସ୍ୱେଚ୍ଛାସେବୀ କର୍ମୀମାନେ ନିଜର ଚାକିରୀ ଛାଡ଼ି ଜଲ୍‌ସାର କଲ୍ୟାଣ ପ୍ରାପ୍ତ କରିବାକୁ ଅଧିକ ଗୁରୁତ୍ୱ ଓ ଶ୍ରେୟସ୍କର ବୋଲି ମନେ କରିଥାଆନ୍ତି । ଜଲ୍‌ସା ପରେ ମୋ ଜୀବନରେ ଯେଉଁ ପରିବର୍ତ୍ତନ ଆସିଛି ତାହା ଅବିଶ୍ୱସନୀୟ ଅଟେ । ଖିଲାଫତ୍‌ର ମହତ୍ତ୍ୱ ଓ ଖଲିଫାଙ୍କ କେଉଁ ମର୍ଯ୍ୟାଦା ରହିଛି ତାହା ବିଷୟରେ ନଜାଣିବା ଠାରୁ ନେଇ ନିଜ ମନରେ ଖଲିଫାଙ୍କ ନିମନ୍ତେ ଅନାବିଳ ପ୍ରେମ ହେବା ପର୍ଯ୍ୟନ୍ତର ଯାତ୍ରା ପ୍ରକୃତରେ ଚର୍ଚ୍ଚା ଯୋଗ୍ୟ ଅଟେ । ପୂର୍ବେ ମୁଁ ଖିଲାଫତ୍ ପ୍ରତି ଏତେ ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନ କରୁ ନଥିଲି । କିନ୍ତୁ ବର୍ତ୍ତମାନ ମୁଁ ଖିଲାଫତ୍‌କୁ ବହୁତ ଭଲ ପାଉଛି।"

ହୁଜୁର ଅନ୍‌ୱର୍ ଅ.ବ କହିଲେ ମହୋଦୟ କୁହନ୍ତି: "ବେଲଜ୍‌ରେ ତ' କିଛି ଲୋକ ଏକତ୍ରିତ ହୋଇ ଯାଆନ୍ତି ତେବେ ସେମାନେ ପରସ୍ପର ସହିତ କଳି ଝଗଡ଼ା କରିବାକୁ ଲାଗି ଯାଆନ୍ତି । ଆମ ସହରର ଜନସଂଖ୍ୟା 50,000 ବିଶିଷ୍ଟ ଅଟେ । ଏଠାରେ ଅର୍ଥାତ ଜଲ୍‌ସାରେ ମଧ୍ୟ ଏତେ ସଂଖ୍ୟକ ଲୋକମାନେ ସାମିଲ୍ ହୋଇ ଥିଲେ । କିନ୍ତୁ ଜଲ୍‌ସାରେ ସଂପୂର୍ଣ୍ଣ ରୂପେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରହିଥିଲା। ଅତ୍ୟନ୍ତ ଶୃଙ୍ଖଳିତ ଓ ସୁବ୍ୟବସ୍ଥା ଥିଲା । ପ୍ରତ୍ୟେକ ବ୍ୟବସ୍ଥାକୁ ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଚିନ୍ତା କରାଯାଇଛି । ଛୋଟ ଛୋଟ ପିଲାମାନଙ୍କର ଜଳ ଉପସ୍ଥାପିତ କରିବା, ଯୁବକମାନଙ୍କର ଯାନବାହାନକୁ ପାର୍କିଂ ଠାରେ ଧାଡ଼ି କରାଇବା, ଆହାର ବଣ୍ଟନ, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥା ଓ କାର୍ଯ୍ୟକୁ ଅତ୍ୟନ୍ତ ପରିଶ୍ରମର ସହକାରେ ଓ ଆନ୍ତରୀକତାପୂର୍ଣ୍ଣ ଦ୍ୱାରା ସମ୍ପାଦନ କରାଯାଉଥିଲା । ଏହି ସବୁ ଦୃଶ୍ୟକୁ ଦେଖିବା ଦ୍ୱାରା ମୁଁ ବେଶ୍ ପ୍ରଭାବିତ ହେଲି । ସର୍ବୋଚ୍ଚ ବୃତ୍ତିଧାରୀ ବ୍ୟକ୍ତିମାନେ ମଧ୍ୟ ବିନା କୌଣସି ସ୍ୱାର୍ଥ ଓ ବିନା କୌଣସି ଅହଂକାରରେ ସେବାରେ ବ୍ୟସ୍ତ ଅଟନ୍ତି । ସେମାନେ କେବଳ ଏଇଥି ପାଇଁ ସେବା କରିବାକୁ ଚାହାନ୍ତି ଯେ, ସେମାନଙ୍କୁ ଅଲ୍ଲାଃତାଲାଙ୍କର ପ୍ରସନ୍ନତାକୁ ପ୍ରାପ୍ତ ହେଉ । ଯୁବକମାନଙ୍କ ସହିତ କଥାବାର୍ତ୍ତା କରି ଏକଥା ସାମ୍ନାକୁ ଆସିଛି ଯେ, ସମସ୍ତ ଯୁବକମାନେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱାରୋପ କରୁଛନ୍ତି

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

(ଶିକ୍ଷା ଉପରେ ଜୋର ଦେଉଛନ୍ତି) ।

ହୁଜୁର ଅନ୍ୱର୍ ଅ.ବ କହିଲେ କେ ରିପବ୍ଲିକ (ଚେକ୍ ଗଣରାଜ୍ୟ)ର ପ୍ରଫେସର ପିଟର ପେଲିକାନ (Peter Pelikan) ନାମକ ଜନୈକ ଅଧ୍ୟାପକ ଅଟନ୍ତି । ମହୋଦୟ ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିଲେ । ମହୋଦୟ ଚେକ ଗଣରାଜ୍ୟରେ ଇସ୍‌ଲାମୀୟ ଏବଂ ଫିକ୍କା (ତତ୍ତ୍ୱଶାସ୍ତ୍ର)ର ବିଶେଷଜ୍ଞ ଅଟନ୍ତି । ଆପଣ ସରକାରୀ ସ୍ତରରେ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ଅଟନ୍ତି । ଆପଣ ନାନା ରଚନା, ପତ୍ର ପତ୍ରିକାରେ ଓ ସମ୍ବାଦ ପତ୍ରରେ ନିଜର ଲେଖା ପ୍ରକାଶ କରନ୍ତି । ମୌଳିକ ରୂପେ କହିବାକୁ ଗଲେ ଆପଣ ସୁନ୍ନୀ ମୁସଲମାନ ଅଟନ୍ତି । ମହୋଦୟ କୁହନ୍ତି: "ମୁଁ ଦ୍ୱିତୀୟ ଥର ପାଇଁ ଏଠାରେ ଜଲ୍‌ସାକୁ ଅସିଛି । ପ୍ରଥମେ ମୁଁ ଜର୍ମାନୀ ଜଲ୍‌ସାରେ ସାମିଲ୍ ହୋଇଥିଲି ଏବଂ ଏଠାରେ ମଧ୍ୟ ସେହି ସର୍ବୋଚ୍ଚ ସ୍ତର ଦେଖିଲି ଯାହା ମୁଁ ପୂର୍ବେ ଦେଖିଥିଲେ । କିନ୍ତୁ ଏଠାରେ ଏକ ଅତିରିକ୍ତ ଜିନିଷ ଥିଲା ଯାହା ଉପସ୍ଥିତ ଖଲିଫାଙ୍କ ଉପସ୍ଥିତି ଥିଲା । ଏହି ଉପସ୍ଥିତି ମୋ ଉପରେ ଗଭୀର ପ୍ରଭାବ ପକାଇଲା। ମୁଁ ବିଶ୍ୱରେ ଅନେକ ସମ୍ମିଳନୀ ଏବଂ ପ୍ରଦର୍ଶନୀ ଦେଖିଛି । କିନ୍ତୁ ଏଭଳିଆ ତଥା ଏହି ସ୍ତରର ଏକତା, ପ୍ରେମ ଓ ଶାନ୍ତିପୂର୍ଣ୍ଣ ପରିବେଶ ମୁଁ ପ୍ରଥମ ଥର କରି ଦେଖିଛି। ଏଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଖ ମଣ୍ଡଳରେ ସ୍ମିତହାସ୍ୟ ଏବଂ ସେବା ମନୋବୃତ୍ତି ସ୍ୱଷ୍ଟ ଥିଲା । ଏହା ଜମାଅତ୍ ଅହମଦିୟାର ସର୍ବୋଚ୍ଚ ସଂସ୍କାରର ପରିପ୍ରକାଶକ ଓ ପ୍ରତୀକ ଅଟେ । ଉପସ୍ଥିତ ଖଲିଫାଙ୍କର ପ୍ରଥମ ଉଦ୍‌ବୋଧନ ମଧ୍ୟ ମୋ ନିମନ୍ତେ ଅପ୍ରତ୍ୟାଶିତ ଏବଂ ଆଶ୍ଚର୍ଯ୍ୟକର ଅଭିଜ୍ଞତା ଥିଲା । ସେ (ହୁଜୁର) ଅତ୍ୟନ୍ତ ସତ୍ୟପ୍ରିୟାତାର ସହିତ ସମସ୍ତ କଥା କହିଲେ ଏବଂ ଅତିଥିମାନଙ୍କ ସଂକ୍ରାନ୍ତରେ କହିଲେ, କି ଅତିଥିମାନଙ୍କର କିପରି ଯତ୍ନ ନେବା ଉଚିତ୍ । ସେମାନଙ୍କ ହୃଦୟ ଦର୍ପଣ (କାଚ ପରି) ଅତି ସୂକ୍ଷ୍ମ ହୋଇଥାଏ, ପୁନଶ୍ଚ ଲୋକମାନେ ଏଥିପ୍ରତି ଧ୍ୟାନ ମଧ୍ୟ ଦେଲେ ଏବଂ ବାସ୍ତବରେ ସେମାନେ ଅତିଥିମାନଙ୍କର ଯତ୍ନ ଓ ଧ୍ୟାନ ମଧ୍ୟ ରଖିଥିଲେ । ସିକ୍ୟୁରିଟିର ବ୍ୟବସ୍ଥା ମଧ୍ୟ ଉତ୍ତମ ଥିଲା ଏବଂ ପ୍ରତ୍ୟେକ ସ୍ଥାନରେ ଅତ୍ୟନ୍ତ ସୁନ୍ଦର ଓ ବ୍ୟବସ୍ଥିତ ଢଙ୍ଗରେ କାମ ହୋଇଥିଲା । ଏହାକୁ ଦେଖି ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଉଥିଲା । ବିନା କୌଣସି ବାଧା ବିଘ୍ନରେ ଏହି ସମସ୍ତ କାର୍ଯ୍ୟ ଅତ୍ୟନ୍ତ smoothly (ସୁରୁଖୁରୁ ଏବଂ ସୁଚାରୁ) ରୂପେ ଚାଲିଥିଲା । ମୋ ବିଚାରରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ଏଠାକୁ ଅବଶ୍ୟ ଆସିବା ଉଚିତ୍ । କାରଣ ସେମାନେ ସ୍ୱୟଂ ଏଠାକୁ ଆସି ଏହି ଭ୍ରାତୃତ୍ୱତା ପରିବେଶକୁ ସ୍ୱଚକ୍ଷୁରେ ଦେଖି ପାରିବେ ଏବଂ ଅନୁଭବ କରିପିରାବେ ଯେ, ଏଠାକାର ପରିବେଶରେ କିପରି ଶାନ୍ତି, ପ୍ରେମ ଓ ଭ୍ରାତୃତ୍ୱ ପରିବ୍ୟାପ୍ତ ରହିଛି । ଏହା ଏପରି ଏକ ଅଭିଜ୍ଞତା ଯାହା ପ୍ରତ୍ୟେକ ବ୍ୟକ୍ତିକୁ ଅନ୍ତତଃ ନିଶ୍ଚିତ ରୂପେ ଥରେ ପ୍ରାପ୍ତ କରିବା ଉଚିତ୍ । ଉକ୍ତ ଅଭିଜ୍ଞତା ମୋତେ ଉକ୍ତ କଥା କହିବାକୁ ବାଧ୍ୟ କରେ ଯେ, ଅହମଦିୟା ଜମାଅତ୍‌ର ଭବିଷ୍ୟ ଉଜ୍ଜ୍ୱଳ ଅଟେ । ଉକ୍ତ ଜଲ୍‌ସା ମୋ ହୃଦୟରେ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଗଭୀର ବ୍ୟାପକତା ସୃଷ୍ଟି କରିଛି । ଯଦିଓ ମୁଁ ଜଣେ ସୁନ୍ନୀ ମୁସଲମାନ ଅଟେ । କିନ୍ତୁ ମୁଁ କେବେ ବି ଅହମଦି ଭାଇମାନଙ୍କୁ ଇସ୍‌ଲାମୀୟ ପିରଧି ମଧ୍ୟରୁ ବହିର୍ଭୂତ ବୋଲି ମନେକରି ନାହିଁ । ଏଠାରେ ମୋତେ ବିଭିନ୍ନ ଭାଷାରେ ଅହମଦି ବିଦ୍ୱାନ୍ ଏବଂ ଅହମଦି ଭାଇମାନଙ୍କ ସହିତ କଥୋପକଥନ ହେବାର ସୁଯୋଗ ପ୍ରାପ୍ତ ହେଲା । ଏହି ବିଦ୍ୱାନ୍ ଅହମଦି ଭାଇମାନେ ଅତ୍ୟନ୍ତ ନିଷ୍ଠାପରତାର ସହିତ ମୋତେ ଜମାଅତ୍‌ର ବିଶ୍ୱାସ ଏବଂ ଧର୍ମମତ ଓ ଦୃଷ୍ଟିକୋଣ ସହିତ ପରିଚିତ କରାଇଲେ । ଏହା କେବଳ ମୋର ଜଣେ ମୁସଲମାନ ହେବା ଯୋଗୁଁ ନୁହଁ, ବରଂ ଚେକ୍ ରିପବ୍ଲିକ୍‌ରେ ଅଧ୍ୟାପକ ହେବା ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତିଥି ମହୋଦୟ କୁହନ୍ତି: "ମୋତେ ସ୍ୱେଚ୍ଛାସେବୀ କର୍ମୀମାନଙ୍କର ସହିତ ମଧ୍ୟ କଥାବାର୍ତ୍ତା ହେବାର ସୁଯୋଗ ପ୍ରାପ୍ତ ହେଲା । ସେହି ସ୍ୱେଚ୍ଛାସେବୀ କର୍ମୀମାନଙ୍କ ମଧ୍ୟରେ ବୟସ୍କ ବ୍ୟକ୍ତି ଥିଲେ, ଯୁବକମାନେ ମଧ୍ୟ ରହିଥିଲେ । ସେହି ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ମୁଁ ପଚାରିଲି ଯେ, ଆପଣମାନେ ଏଠାରେ କାହିଁକି ସେବା ସମ୍ପାଦନ କରୁଛନ୍ତି ? ପ୍ରତ୍ୟୁତ୍ତରରେ ପ୍ରତ୍ୟେକ କର୍ମୀମାନଙ୍କର ଏହି ଗୋଟିଏ ଉତ୍ତର ଥିଲା ଯେ, ଆମେମାନେ ଏହି ସେବା କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା, ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥି ସତ୍କାର ସକାଶେ ଏବଂ ନିଜର ଆଧ୍ୟାତ୍ମିକ ଉନ୍ନତି ସକାଶେ ଓ ଚରିତ୍ର ସଂଶୋଧନ ସକାଶେ ସମ୍ପାଦନ କରିଥାଉ । ଜଣେ ସେବକ କହିଲେ, ସେ ଦୀର୍ଘ 15 ବର୍ଷ ଧରି ଏହି ବିଭାଗରେ ସେବା କରି ଆସୁଛନ୍ତି । ଅର୍ଥାତ୍ ଯେବେଠାରୁ ସେ ଛୋଟ ପିଲା ଥିଲେ ସେବେ ଠାରୁ ସେ ପ୍ରତ୍ୟେକ ବର୍ଷ ଜଲ୍‌ସା ସାଲାନା ଦିନମାନଙ୍କରେ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କର ସେବା କରିବା ନିମନ୍ତେ ନିଜକୁ ୱକ୍‌ଫ୍ (ଉତ୍ସର୍ଗ) କରି ଆସୁଛନ୍ତି । ଏହି ସମସ୍ତ ସେବା ସେ ବିନା କୌଣସି ସାଂସାରିକ ପାଉଣା କିମ୍ବା ପାରିଶ୍ରମିକରେ ସମ୍ପାଦନ କରିଥାଆନ୍ତି । ମହୋଦୟ ଅତିଥି କୁହନ୍ତି, ମୋ ନିକଟରେ ଏହା ହିଁ ସେହି ସର୍ବୋଚ୍ଚ ଆଧ୍ୟାତ୍ମିକ ସଂସ୍କାର ଯେଉଁ ଆଧ୍ୟାତ୍ମିକ ସଂସ୍କାର ଖିଲାଫତ୍ ସେହି କର୍ମୀମାନଙ୍କ ମନରେ ଆସନ୍ନିତ କରାଇ ଦେଇଛି । ଏହା ହିଁ ସେହି କାରଣ ଯାହା ପ୍ରତ୍ୟେକ କର୍ମୀମାନଙ୍କୁ ନିଷ୍ଠା, ବଳିଦାନ ଏବଂ ପ୍ରେମର ଉତ୍ସାହ ଦ୍ୱାରା ପରିପୂର୍ଣ୍ଣ ହୋଇ ନିଜ ଜମାଅତ୍‌ର ସେବା କରିବାକୁ ଉତ୍ସାହିତ କରିଥାଏ । ମୋ ମନରେ ସେହି ନୈଷ୍ଠିକ ସ୍ୱେଚ୍ଛସେବୀମାନଙ୍କ ସକାଶେ ଅସୀମ ସମ୍ମାନ ଏବଂ ଶ୍ରଦ୍ଧା ରହିଛି । ଏହି ସ୍ୱେଚ୍ଛାସେବୀ କର୍ମୀମାନେ ପ୍ରତ୍ୟେକ ପ୍ରକାରର ପ୍ରକାରର ପାଣିପାଗରେ, ପ୍ରତ୍ୟେକ ପରିସ୍ଥିତିରେ ନିଃସ୍ୱାର୍ଥପର ହୋଇ ନିଜର ସେବା ଉପସ୍ଥାପିତ କରିବା ନିମନ୍ତେ ପ୍ରସ୍ତୁତ ଥାଆନ୍ତି । "ହୁଜୁର ଅନ୍ୱର୍ ଅ.ବ କହିଲେ, ଅତିଥି ଅଧ୍ୟାପକ ମହୋଦୟ କୁହନ୍ତି: "ଜଣେ ପ୍ରଫେସର ହିସାବରେ ଉକ୍ତ ପ୍ରସଙ୍ଗଟି ମୋ ନିମନ୍ତେ ଅତ୍ୟନ୍ତ ରୁଚିକର ଏବଂ ଆଶ୍ଚର୍ଯ୍ୟକର ଥିଲା । କାରଣ ଜମାଅତ୍ ଅହମଦିୟା ଶିକ୍ଷା ଏବଂ ଅଧ୍ୟାପନାକୁ କିଭଳି ଗୁରୁତ୍ୱ ପ୍ରଦାନ କରୁଛି ? ମୁଁ ଅନେକ ସମୟ ପର୍ଯ୍ୟନ୍ତ ବୁକ୍ ଷ୍ଟଲ୍ ଠାରେ ନିଜର ସମୟ ଅତିବାହିତ କଲି । ବିଭିନ୍ନ ପୁସ୍ତକର ଗଭୀର ଅଧ୍ୟୟନ କଲି । ମୁଁ ଏମାନଙ୍କର (ଅହମଦିମାନଙ୍କର) ଜ୍ଞାନର ସ୍ତର, ବିଷୟବସ୍ତୁ ଏବଂ ଜ୍ଞାନଭିତ୍ତିକ ଶୈଳୀକୁ ଅତ୍ୟନ୍ତ ଉତ୍କୃଷ୍ଟ ଏବଂ ପ୍ରଶଂସନୀୟ ଥିବାର ପାଇଲି । ଏହା ଏକ ଆଶ୍ଚର୍ଯ୍ୟକର ଏବଂ ପ୍ରଭାବଶାଳୀ ଶୈକ୍ଷିକ ଓ ଜ୍ଞାନଭିତ୍ତିକ ସେବା ଅଟେ । ଅହମଦିମାନଙ୍କ ନିକଟରେ ଏହି ପ୍ରକାରର ବିଚାରଧାରା ଏବଂ ଭାବାବେଗ ରହିଛି ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଫ୍ରାନ୍‌ସ୍‌ର ଗୟାନାରୁ ଅମିନା ମାଲା ସିଂ (Amina Mala Singh) ନାମକ ଜନୈକା ମହିଳା ନବଦୀକ୍ଷିତା ଅଟନ୍ତି । ସେ କୁହନ୍ତି: "ଜଲ୍‌ସା ସମୟରେ ଯେଉଁ କଥାଟି ମୋତେ ସବୁଠୁ ବେଶୀ ହୃଦୟସ୍ପର୍ଶୀ ଲାଗିଲା ତାହା ଲୋକମାନଙ୍କର ଚରିତ୍ର, ବ୍ୟବହାର ଓ ସେମାନଙ୍କର ଅତିଥି ସତ୍କାର ଥିଲା । ଯଦି ଆପଣ ଥକି ଯାଇଥିବେ ଏବଂ ବସିବା ନମିନ୍ତେ ଜାଗା ଦରକାର ପଡୁଥିବ ତେବେ ସେହି ଲୋକମାନେ ଯେଉଁମାନେ ପୂର୍ବରୁ ସେଠାରେ ବସିଥିଲେ ସେମାନେ ତୁରନ୍ତ ନିଜ ସ୍ଥାନରୁ ଛିଡ଼ା ହୋଇ ଅତିଥିଙ୍କୁ ନିଜର ସ୍ଥାନ ବସିବା ନିମନ୍ତେ ଦେଇ ଦେଉଥିଲେ । ଏହା ଏକ ବିଚିତ୍ର ପ୍ରକାରର ଶାନ୍ତି ଏବଂ ସ୍ୱାଧୀନତାପୂର୍ଣ୍ଣ ଅନୁଭୂତି ଥିଲା । ଏହା ହେଉଛି ସେହି ଆଧ୍ୟାତ୍ମିକ ବାତାବରଣ ଯାହା ବର୍ଣ୍ଣନା ବହିର୍ଭୂତ ଅଟେ। ମୋ ପାଇଁ ସବୁଠୁ ପ୍ରଭାବଶାଳୀ ସେହି ମୁହୂର୍ତ୍ତ ଥିଲା ଯେତେବେଳେ ମୁଁ ଉପସ୍ଥିତ ଖଲିଫାଙ୍କୁ ଦେଖିଲି ଏବଂ ଖଲିଫାଙ୍କ ସହିତ ସାକ୍ଷାତ୍ କଲି । ମୋ ଚକ୍ଷୁରୁ ସହସା ଲୁହ ଧାର ବହିବାକୁ ଲାଗିଲା । ପ୍ରାରମ୍ଭରେ ହିଁ ଖିଲାଫତ୍ ସହିତ ଯେଉଁ ସଂପର୍କ ଗଢି ଉଠିଥିଲା ତାହା ବିଶ୍ୱସ୍ତତାର ପରିପ୍ରକାଶ ଥିଲା । ଏହି ସମସ୍ତ କଥା ଅଲ୍ଲାଃତାଲାଙ୍କ ତରଫରୁ ହିଁ ସୃଷ୍ଟି ହୋଇଛି । ଏହି ଭାବାବେଗ କୌଣସି ମନୁଷ୍ୟ ସୃଷ୍ଟି କରି ପାରିବ ନାହିଁ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ବୁଲଗାରିୟାରୁ ମଧ୍ୟ ଇଭ୍‌ଲିନା (Ivelina) ସାହେବା ନାମକ ଜଣେ ନବଦୀକ୍ଷିତ ଅହମଦି ଅଟନ୍ତି । ମହୋଦୟା କୁହନ୍ତି: "ମୁଁ ନିଜ ଘରେ ଏକୁଟିଆ ଅହମଦି ଅଟେ । ମୁଁ ଅହମଦିୟାକୁ ଅତ୍ୟନ୍ତ ଗଭୀରତାର ସହିତ ଅଧ୍ୟୟନ କରିଛି ଏବଂ ତିନି ବର୍ଷର ଗବେଷଣା କରିବା ପରେ ମୁଁ ଅହମଦିୟତ୍ ସ୍ୱୀକାର କରିଛି । ୟୁ.କେ ଜଲ୍‌ସା ସାଲାନା ହେଉଛି ମୋର ପ୍ରଥମ ଜଲ୍‌ସା । ଏହି ଜଲ୍‌ସା ଅତ୍ୟନ୍ତ ଆଧ୍ୟାତ୍ମିକପୂର୍ଣ୍ଣ ଜଲ୍‌ସା ଥିଲା । ଯଦିଓ ମୁଁ ଦୀର୍ଘ କାଳ ଧରି ଉକ୍ତ ଅବସରକୁ ଅପେକ୍ଷା କରି ବସିଥିଲି ଯେ, ୟୁ.କେର ଜଲ୍‌ସା ସାଲାନା ଆସୁ ଏବଂ ମୁଁ ସ୍ୱୟଂ ୟୁ.କେର ଜଲ୍‌ସାକୁ ଦେଖିବି । ଉକ୍ତ ଜଲ୍‌ସାଟି ଏଠାକାର ସବୁଠୁ ବିରାଟ ବଡ଼ ଜଲ୍‌ସା ଅଟେ । କାରଣ ଖଲିଫତୁଲ୍ ମସିହ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇଥାଆନ୍ତି ଏବଂ ଉଦ୍‌ବୋଧନ ମଧ୍ୟ ଦେଇଥାଆନ୍ତି । ଏହି କଲ୍ୟାଣମୟ ଦିନରେ ମୁଁ ଏକ ଅନନ୍ୟ ଆଧ୍ୟାତ୍ମିକ ଉଦାହରଣଜନିତ ପରିବେଶକୁ ମଧ୍ୟ ଅନୁଭବ କରିଛି ଓ ଏହାର ଅଂଶ ହେବା ନିମନ୍ତେ ମଧ୍ୟ ମୋତେ ସୌଭାଗ୍ୟ ପ୍ରାପ୍ତ ହୋଇଛି । ଈଶ୍ୱରଙ୍କ ପ୍ରାଣୋତ୍ସର୍ଗୀମାନଙ୍କ ମଧ୍ୟରେ ରହି ମୋର ନିଜର ସଂପର୍କ ମଧ୍ୟ ଈଶ୍ୱରଙ୍କ ସହିତ ଆହୁରି ଅଧିକ ଦୃଢୀଭୂତ ହୋଇଯାଇଛି । ଭାଇଚାରା, ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଏବଂ ଆଧ୍ୟାତ୍ମିକ ସ୍ତରର ସବୁଠି ପରିଲକ୍ଷିତ ହେଉଥିଲା, ଏହା ମୋ ହୃଦୟରେ ଗଭୀର ପ୍ରଭାବ ପକାଇଛି । ମୁଁ ଅତଳ ଗହ୍ୱରରୁ ସେହି ସମସ୍ତ କର୍ମୀମାନଙ୍କୁ, ସ୍ୱେଚ୍ଛାସେବୀ ଓ ଆୟୋଜକଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି ଯେ, ସେମାନେ ଏହି ଭବ୍ୟ ଜଲ୍‌ସା ଆୟୋଜନ ନିମନ୍ତେ ଅକ୍ଳାନ୍ତ ପରିଶ୍ର କରିଛନ୍ତି । ମୋର ଅଭିଜ୍ଞତା ଅତ୍ୟନ୍ତ ଭବ୍ୟ ଏବଂ ପ୍ରଭାବଶାଳୀ ଥିଲା । କିପରି ସୂକ୍ଷ୍ମଦୃଷ୍ଟିର ସହିତ ଅତିଥିମାନଙ୍କର ସୁବିଧା


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)



### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଓ ସୁଖ ନିମନ୍ତେ ଧ୍ୟାନ ରଖାଯାଇଥିଲା । ଏହି କଲ୍ୟାଣମୟ ଜଲ୍‌ସାର ପରିସମାପ୍ତି ଅବସରରେ ମୁଁ ଏପରି ବିଶ୍ୱାସର ସହିତ ଘରକୁ ଫେରିବି ଯାହା ପୂର୍ବାପେକ୍ଷା ଅଧିକ ବଳିଷ୍ଠ ଅଟେ । ମୁଁ ଏପରି ଶିକ୍ଷା ସହିତ ଘରକୁ ଫେରିବି ଯେଉଁ ଶିକ୍ଷା ସର୍ବାଧିକ ରୂପେ ସଠିକ୍ ଅଟେ । ମୁଁ ଏପରି ବିଶ୍ୱାସର ସହିତ ଘରକୁ ଫେରିବି ଯେ, ମୋର ସଂପର୍କ ବର୍ତ୍ତମାନ ପ୍ରକୃତ ଇସ୍‌ଲାମ୍ ସହିତ ରହିଛି । ମୋ ନିମନ୍ତେ ସର୍ବାଧିକ ପ୍ରଭାବଶାଳୀ ମୁହୂର୍ତ୍ତ ତାହା ଥିଲା ଯେତେବେଳେ ଉପସ୍ଥିତ ଖଲିଫା ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ସଂପର୍କରେ ଉଦ୍‌ବୋଧନ ଦେଲେ । ଅର୍ଥାତ୍ ସେହି ପ୍ରତିଶ୍ରୁତ ମସିହ୍‌ଙ୍କ ସଂକ୍ରାନ୍ତରେ ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅ ଅଙ୍ଗୀକାର (ପ୍ରତିଶ୍ରୁତି ଦେଇଥିଲେ) କରିଥିଲେ । ଯଦିଓ ମୁଁ ଉକ୍ତ ବିଷୟବସ୍ତୁ ଉପରେ ପୂର୍ବରୁ ବିଚାର କରି ସାରିଥିଲି । କିନ୍ତୁ ଉପସ୍ଥିତ ଖଲିଫାଙ୍କ ଶବ୍ଦ ମୋତେ ନୂତନ ଦୃଷ୍ଟିଶକ୍ତି ଓ ଦିଗଦର୍ଶନ ପ୍ରଦାନ କରିଛି । ଏହି ଦୃଷ୍ଟିଶକ୍ତି ଏବଂ ନୂତନ ଦୃଷ୍ଟିକୋଣ ମୋ ସମ୍ମୁଖରେ ପୂର୍ବେ କେବେ ଆସି ନଥିଲା ।"

ହୁଜୁର ଅନୱର୍ ଅ.ବ କହିଲେ, ମହୋଦୟା କୁହନ୍ତି : "ହୁଜୁର ଅନୱର୍ ଅ.ବଙ୍କ ଏହି ଉଦ୍‌ବୋଧନ ସେହି ସମସ୍ତ ଦୋଷ, ସନ୍ଦେହ ତଥା ସଂଶୟର ପୂର୍ଣ୍ଣ ଏବଂ ପ୍ରମାଣଭିତ୍ତିକ ଉତ୍ତର ଥିଲା ଯାହା କେତେକ ବିରୋଧୀମାନଙ୍କ ପକ୍ଷରୁ ଖାତ୍‌ମୁନ୍ ନବୀୟିନ ପରେ କୌଣସି ଅବତାରଙ୍କ ଆଗମନ ଅବସରରେ କରାଯାଇଥାଏ । ଉକ୍ତ ଭାଷଣ ମୋର ବୁଦ୍ଧିକୁ ଆହୁରି ବ୍ୟାପକତା ପ୍ରଦାନ କରୁଛି, ମୋର ଆଧ୍ୟାତ୍ମିକ ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର ପ୍ରଦାନ କରୁଛି, ମୋର ଦୃଷ୍ଟି ବିନ୍ଦୁକୁ ଅତିରିକ୍ତ ଶାଣିତ କରିଛି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟା କୁହନ୍ତି : "ଆଉ ଏକ ଭାଷଣ ଯାହା ମୋ ହୃଦୟରେ ଗଭୀର ପ୍ରଭାବ ପକାଇଛି ତାହା ହେଉଛି ପବିତ୍ର କୁରଆନ୍ କରୀମ୍ ଉପରେ ଦିଆଯାଇଥିବା ଭାଷଣ । ପବିତ୍ର କୁରଆନ୍ ଅଲ୍ଲାଃତାଲାଙ୍କ ପକ୍ଷରୁ ଏକ ଧର୍ମଗ୍ରନ୍ଥ ଅଟେ । ଅଲ୍ଲାଃତାଲାଙ୍କ ତରଫରୁ ଏହା ଏକ ପ୍ରମାଣ ସ୍ୱରୂପ ଅଟେ। ଏହା ଶୁଣି ସାଂପ୍ରତିକ କାଳର ଯେଉଁ ଆପତ୍ତିଗୁଡ଼ିକ ରହିଛି ସେହି ଆପତ୍ତିଗୁଡ଼ିକୁ କିପରି ତାର୍କିକ ପ୍ରମାଣ ଏବଂ ସ୍ପଷ୍ଟ ଢଙ୍ଗରେ ରଦ୍ଦ କରାଯାଇଛି । ମୋତେ କେବଳ ହୃଦୟଜନିତ ଶାନ୍ତି ତଥା ସନ୍ତୁଷ୍ଟି ପ୍ରାପ୍ତ ହୋଇ ନାହିଁ ବରଂ ନୂତନ ବିଶ୍ୱାସ ମଧ୍ୟ ପ୍ରାପ୍ତ ହୋଇଛି । କାରଣ ଯେତେବେଳେ ବି କୌଣସି ସଭା ସମିତିରେ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତା ଉପରେ ଆକ୍ରମଣ କରାଯାଏ ସେତେବେଳେ ମୁଁ ମଧ୍ୟ ବର୍ତ୍ତମାନ ସେହି ଦୋଷାରୋପଗୁଡ଼ିକୁ ରକ୍ଷା କରିପାରିବି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ସେହି ଉତ୍ସାହ ଯେଉଁ ଉତ୍ସାହ ସେହି ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବ୍ରାଜିଲ୍‌ରୁ ଇଗୋର ଲ୍ୟୁକାସ (Igor Lucas) ନାମକ ଜଣେ ଅତିଥି ତଥା ସାମ୍ବାଦିକ ଅଟନ୍ତି ଓ ମହାଶୟ ପ୍ରାଦେଶିକ ସାଂସଦଙ୍କ ବ୍ୟକ୍ତିଗତ ସଚିବ ମଧ୍ୟ ଅଟନ୍ତି । ସେ କୁହନ୍ତି ଯେ, ଜଲ୍‌ସାର କାର୍ଯ୍ୟକ୍ରମ ମଧ୍ୟରେ ସମୟାନୁବର୍ତ୍ତୀ ଅତି ପ୍ରଶଂସନୀୟ ଥିଲା । ଏହା ବିଶେଷ ସୁଗୁଣ ସମ୍ବନ୍ଧୀୟ କଥା ଅଟେ। ଖାଇବା ଠାରୁ ଆରମ୍ଭ କରି ବାଥ୍‌ରୁମ ବ୍ୟବହାର କରିବା ପର୍ଯ୍ୟନ୍ତ, ଗମନା ଗମନ ଠାରୁ ଆରମ୍ଭ କରି ଜଲ୍‌ସା ଗାହ୍‌ରେ ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ପର୍ଯ୍ୟନ୍ତ ଅତିଥିମାନଙ୍କୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଥିଲା । ଏହି ବାତାବରଣ ମନୁଷ୍ୟକୁ ଏକତାର ଏବଂ ବଳିଦାନର ଶିକ୍ଷା ପ୍ରଦାନ କରିଥାଏ । ଆପଣ ପୁନଶ୍ଚ କୁହନ୍ତି: "ମୋତେ ଏକଥା ମଧ୍ୟ ବେଶ୍ ପ୍ରଭାବିତ କରିଛି ଯେ, ଖାଦ୍ୟ ଅପଚୟରୁ ବର୍ତ୍ତିବା ନିମନ୍ତେ କିପରି ଉଦ୍ୟମ କରାଯାଇଥାଏ ? କିନ୍ତୁ ଆହାର ମୁକ୍ତ ହୃଦୟର ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଇଥାଏ । "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇଣ୍ଡେନେସିଆର ଗୋମାର ଗୁଲ୍‌ତୋମ ନାମକ ଜନୈକ ଅତିଥି ଅଟନ୍ତି । ସେ ଖ୍ରୀଷ୍ଟ ପାଦ୍‌ରୀ ଅଟନ୍ତି । କମ୍ୟୁନିୟନ୍ ଅଫ ଚର୍ଚ୍ଚ ଇଣ୍ଡୋନେସିୟାର ଆପଣ ଚେୟାରମ୍ୟାନ ରହିସାରିଛନ୍ତି । ସେ କୁହନ୍ତି ମୁଁ ଅହମଦିୟତ୍‌କୁ ଜାଣିଥିଲି । କିନ୍ତୁ ଉକ୍ତ ଜଲ୍‌ସା ମାଧ୍ୟମରେ ମୁଁ ଉତ୍ତମ ରୂପେ ଜମାଅତ୍ ଅହମଦିୟାକୁ ବୁଝିଲି ଯେ, ଅହମଦିୟତ୍ ଏକ ଆଧ୍ୟାତ୍ମିକ ଆହ୍ୱାନ ଅଟେ । ଏହା କାଦିୟାନ୍ ନାମକ ଏକ ଛୋଟ ଗ୍ରାମରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଏହା ଏକ ଆନ୍ତର୍ଜାତିକ ଆଧ୍ୟାତ୍ମିକ ଆହ୍ୱାନ ହୋଇ ସାରିଛି । ମୁଁ ଦେଖିଛି ଯେ, କିପରି ବିଭିନ୍ନ ଦେଶରୁ ଅହମଦି ସଦସ୍ୟମାନେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବା ନିମନ୍ତେ ଉତ୍ସାହର ସହିତ ଉପସ୍ଥିତ ହୋଇଥିଲେ । ସେ କୁହନ୍ତି ପ୍ରଭାବଶାଳୀ କଥା ଏହା ଥିଲା ଯେ, ମନୁଷ୍ୟର ଅଲ୍ଲାଃତାଲାଙ୍କ ସହିତ ସଂପର୍କକୁ ଅତି ଘନିଷ୍ଠ ଓ ନିବିଡ଼ କରିବା ଉପରେ ଜୋର ଦିଆଯାଇଛି । ଏହା ଏପରି ଏକ କଥା ଅଟେ ଯାହାକୁ ଅନେକ ଲୋକମାନେ ଅଣଦେଖା କରି ଦେଇଥାଆନ୍ତି । କିନ୍ତୁ ଏଠାରେ ଏହା ହିଁ ମୌଳିକ କଥା ହୋଇଯାଇଥାଏ । ଏହିପରି ଭାବରେ ମହୋଦୟଙ୍କର ପ୍ରତିକ୍ରିୟା ରହିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଇସ୍ ଲ୍ୟାଣ୍ଡରୁ ନ୍ୟାଣ୍ଡ୍ କିଶୋରୋ (Nandkisore) ନାମକ ଜଣେ ଅତିଥି ଅଟନ୍ତି । ଆପଣ ୟୁନିଭର୍ସାଲ ପିସ୍ ଫେଡ୍ରେସନ୍‌ର ସଭାପତି ଅଟନ୍ତି । ସେ କୁହନ୍ତି: "ମତା 16:7ରେ ଉଲ୍ଲେଖ ରହିଛି ଯେ, ତୁମେମାନେ ସେମାନଙ୍କର ଫଳ ଦ୍ୱାରା ଚିହ୍ନି ପାରିବ ନାହିଁ ।" ଏହି ଶବ୍ଦ ମୋ ନିମନ୍ତେ ଜଲ୍‌ସା ସାଲାନା 2025 ସମୟରେ ଅତ୍ୟନ୍ତ ପ୍ରଭାବଶାଳୀ ଓ ଜୀବନ୍ତ ସତ୍ୟ ହୋଇ ସାମ୍ନାକୁ ଆସିଛି । ଜଲ୍‌ସାରେ ଚମକୁଥିବା ଆନନ୍ଦ ଦ୍ୱାରା ପରିପୂର୍ଣ୍ଣ ମୁଖକୁ ଦେଖି ମୋ ମନରେ ଗଭୀର ପ୍ରଭାବ ପଡ଼ିଥିଲା । ମୋ ଦୃଷ୍ଟିରେ ଏହା ସେହି କଥାର ଜ୍ୱଳନ୍ତ ନିଦର୍ଶନ ଥିଲା କି ଈଶ୍ୱର ସେହି ଭକ୍ତମାନଙ୍କର ଏକତାକୁ ଦେଖି ପ୍ରସନ୍ନ ହୁଅନ୍ତି ଯେଉଁମାନେ ତାହାଙ୍କ ପ୍ରସନ୍ନତା ପ୍ରାପ୍ତିରେ ଏକତ୍ରିତ ହୋଇଛନ୍ତି । ହ୍ୟୁମାନାଟି ଫାର୍ଷ୍ଟର ଜଣେ କର୍ମଚାରୀ ଆଫ୍ରିକାରେ ମାନବ ସେବା କରୁଥିଲେ ସେ କହିଲେ, ଏହି ମାନବ ସେବା କେବଳ ଅନ୍ୟମାନଙ୍କ ନିମନ୍ତେ ଲାଭଦାୟକ ନୁହେଁ ବରଂ ଏହା ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ ମଧ୍ୟ କରାଇଥାଏ । ଏହା ବିଶ୍ୱାସକୁ ବ୍ୟବହାରିକ ରୂପେ ପ୍ରକାଶ କରିବା ନିମନ୍ତେ ଏକ ବଳିଷ୍ଠ ସ୍ମରଣକାରୀ ପ୍ରସଙ୍ଗ ଅଟେ । ଏହିପରି ଭାବରେ ତାଙ୍କର ଅନେକ ମନ୍ତବ୍ୟ ଓ ପ୍ରତିକ୍ରିୟା ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କାଜାକିସ୍ତାନରୁ ସଲେ (Sauley) ସାହେବା ନାମକ ଜନୈକା ଅତିଥି ତଥା ଅଣ ଜମାଅତ୍‌ର ମହିଳା କୁହନ୍ତି: "ମୁଁ କାଜାକିସ୍ତାନର ଅଧିବାସୀ ଅଟେ । ଜଲ୍‌ସାରେ ସାମିଲ୍ ହେବା ନିମନ୍ତେ ମୋତେ ପ୍ରଥମ ଥର କରି ସୁଯୋଗ ପ୍ରାପ୍ତ ହୋଇଛି । ମୋତେ ସଂସାରରେ ଅନେକ ଉତ୍ସବ, ସମାରୋହ, ସମ୍ମିଳନୀରେ ସାମିଲ୍ ହେବାର ସୁଯୋଗ ପ୍ରାପ୍ତ ହୋଇଛି । କିନ୍ତୁ ଏଠାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ମୋତେ ବହୁତ ପ୍ରଭାବିତ କରିଛି । ଏତେ ସଂଖ୍ୟକ ଲୋକମାନେ ବିଭିନ୍ନ ଦେଶରୁ କେବେଳ ପୁଣ୍ୟାର୍ଜନ ନିମନ୍ତେ ଏଠାକୁ ଆସିଥିଲେ । ସେହି ଅତିଥିମାନଙ୍କର ଅଭିପ୍ରାୟ କେବଳ ପୁଣ୍ୟର ଶବ୍ଦ ଶୁଣିବା ଥିଲା । ସଂସାରରେ ଲୋକମାନେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ସହିତ ଲୋକମାନେ ରୁହନ୍ତୁ । ସେହିପରି ଘୃଣାର ଯେଉଁ ଭାବାବେଗ ରହିଛି ତାହାକୁ ସଂସାରରୁ କିପରି ଦୂର କରାଯାଇପାରିବ ଏବଂ କିପରି ସଂସାରରେ ପ୍ରେମ ତଥା ଆନ୍ତରୀକତାର ଆଧିପତ୍ୟ ବିସ୍ତାର ଲାଭ ପାଇବା । ଖଲିଫତୁଲ୍ ମସିହ୍‌ଙ୍କ ଶବ୍ଦ ମହିଳାମାନଙ୍କର ମର୍ଯ୍ୟାଦାକୁ ଉଚ୍ଚ କରିବା ଦିଗରେ ଅତ୍ୟନ୍ତ ଭବ୍ୟ ଥିଲା । ଏହି ଜଲାସର ଆଦର୍ଶ ଉକ୍ତି ଏହା ଥିଲା କି **"ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ"** ଏବଂ ଲୋକମାନଙ୍କ ଏକତା ଏହି ଆଡ଼କୁ ଇଙ୍ଗିତ କରୁଥିଲା ଯେ, ଆମେମାନେ ଏକ ହୋଇ ରହିବୁ । ମୁଁ ଏହିପରି ଶବ୍ଦ କେବେ ଶୁଣି ନାହିଁ ଏବଂ ଏହି ସମସ୍ତ ଶବ୍ଦ ଆତ୍ମା ମଧ୍ୟରେ ପ୍ରବିଷ୍ଟ ହୋଇଯାଉଥିଲା । ଏହି ମହିଳା ଜଣକ ଅଣଅହମଦି ଥିଲେ । ମହୋଦୟା କୁହନ୍ତି: "ମେରୀବାସ୍ ନାମକ ଜଣେ ମହିଳା ଥିଲେ ମୁଁ ପୂର୍ବେ ତାଙ୍କର ବିରୋଧ କରୁଥିଲି । କିନ୍ତୁ ବର୍ତ୍ତମାନ ମୁଁ ଏହି ସମସ୍ତ ବାତାବରଣ ତଥା ପିରବେଶକୁ ଦେଖି ଅନ୍ତତଃ କେବଳ ବିରୋଧ ପରିତ୍ୟାଗ କରିଦେବି ନାହିଁ ବରଂ ତାଙ୍କର ସମର୍ଥନ ମଧ୍ୟ କରିବି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଷ୍ଟ୍ରେଲିୟାରୁ ମୁସ୍ତାଗ୍ ଜହିର୍ ନିଜାହ୍ (Moshtagh Zaherinezah) ସାହେବ ନାମକ ଜଣେ ଅତିଥି ଆସିଥିଲେ। ଆପଣ ଅଷ୍ଟ୍ରେଲିୟାରେ ଇସ୍‌ଲାମୀୟ ଧର୍ମର ଶିକ୍ଷକ ଅଟନ୍ତି । ସେ କୁହନ୍ତି ଯେ, ଜଲସା ସାଲାନାରେ ମୁଁ ଚାରିଆଡ଼େ ବିଶ୍ୱାସକାରୀମାନଙ୍କୁ ଦେଖିଲି । ପ୍ରତ୍ୟେକ ବ୍ୟକ୍ତି ବନ୍ଧୁ ପରି ଥିଲେ । ସମସ୍ତଙ୍କର ସଂପର୍କ ବନ୍ଧୁତ୍ୱପୂର୍ଣ୍ଣ ଥିଲା । ପ୍ରତ୍ୟେକ ବ୍ୟକ୍ତି ହୃଦୟରେ ଇସ୍‌ଲାମ୍ ଧର୍ମର ସେବା କରିବା ନିମନ୍ତେ ଏକ ବିଶେଷ ପ୍ରକାରର ଉତ୍ସାହ ରହିଥିଲା । ମୁଁ ଉପସ୍ଥିତ ଖଲିଫାଙ୍କ ଶବ୍ଦରୁ ବେଶ୍ ପ୍ରଭାବିତ ହେଲି । ବର୍ତ୍ତମାନ ତ' ମୁସଲମାନମାନଙ୍କ ମଧ୍ୟରେ ଯେଉଁ ବିଦ୍ୱାନ୍‌ମାନେ ରହିଛି ସେମାନେ କେବଳ ଦାଢ଼ିକୁ ଲମ୍ବା କରିବା ଏବଂ ବିଶେଷ ପ୍ରକାରର ବସ୍ତ୍ର ପରିଧାନ କରିବାକୁ ହିଁ ସବୁକିଛି ବୋଲି ମନେକରନ୍ତି । ଏମାନେ ନାମକୁ ମାତ୍ର ମୁସଲମାନ ଅଟନ୍ତି । କିନ୍ତୁ ଜମାଅତ୍ ଅହମଦିୟାର ହିଁ ଏକମାତ୍ର ଜମାଅତ୍ ଅଟେ ଯିଏ ସତ୍‌ହୃଦୟର ସହିତ ଇସ୍‌ଲାମ୍ ଧର୍ମର ସେବା କରୁଛି । ଏପରି ପ୍ରତିତି ହେଉଛି ସମ୍ଭବତଃ ଜମାଅତ୍ ଅହଦମିୟା ଆଉ 200 ବର୍ଷ ମଧ୍ୟରେ ହିଁ ସମଗ୍ର ବିଶ୍ୱରେ ବିଜୟ ଲାଭ କରିନେବ । ମୁଁ ଜଣେ ସୁନ୍ନୀ ମୁସଲମାନ ଅଟେ । କିନ୍ତୁ ମୁଁ ଏହି ବିଶ୍ୱାସ ରଖୁଛି ଯେ, ଜମାଅତ୍ ଅହିମଦିୟାର ସଂସ୍ଥାପକ ପ୍ରକୃତରେ ଜଣେ ପବିତ୍ର ବ୍ୟକ୍ତି ଥିଲେ । ବର୍ତ୍ତମାନ ମୁଁ ଏହା ଅନୁଭବ କରି ପାରୁଛି ଯେ, ସେ ଜଣେ ଧର୍ମସଂସ୍କାରକ ଥିଲେ ।

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏପର୍ଯ୍ୟନ୍ତ ତ' ଏହି ବ୍ୟକ୍ତି ଜଣକ ହ. ମସିହ୍ ମଉଦ୍ ଅ.ସଙ୍କୁ ପବିତ୍ର ଏବଂ ଧର୍ମ ସଂସ୍କାରକ ରୂପେ ସ୍ୱୀକାର କଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟ କୁହନ୍ତି: "କିନ୍ତୁ ବର୍ତ୍ତମାନ ମୁଁ ଏହା ଭାବୁଛି ଅର୍ଥାତ୍ ଅହମଦିୟା ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ବିଚାର କରୁଛି । ମୋତେ ମସିହ୍ ମଉଦ୍ ଏବଂ ମେହ୍‌ଦୀ ମାହୁଦ୍‌ଙ୍କ ଏକ ଅସ୍ତିତ୍ୱ ସଂପର୍କରେ ମନ ଭିତରରେ ଟିକେ ଟିକେ ସନ୍ଦେହ, ଦ୍ୱନ୍ଦ୍ୱ ଏବଂ ଅପ୍ରସନ୍ନ ଭାବ ରହିଛି । ସେ ଯାହା ହେଉ ମୁଁ ବର୍ତ୍ତମାନ ଗବେଷଣା କରୁଛି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ,ସେ ଯାହା ହେଉ ମହୋଦୟଙ୍କର ନିଜସ୍ୱ ଗୋଟିଏ ଧାରଣା ରହିଛି । ଏହି ଆଡ଼କୁ ତାଙ୍କର ଧ୍ୟାନ ଟିକେ ଆସିଛି । ଏପରି ପ୍ରତି ହେଉଛି ଯେପରିକି ଆପଣ ପୁଣ୍ୟ ସ୍ୱଭାବର ଅଧିକାରୀ ଅଟନ୍ତି । ସେ ଏହା କହିଛନ୍ତି ଯେ, ମୁଁ ମସିହ୍ ମଉଦ୍‌ଙ୍କ ସଂପର୍କରେ ଭାବୁଛି ଏବଂ ନିର୍ଲଜତା ଓ ହଠ ଧର୍ମୀତା ସେ ପ୍ରଦର୍ଶ କଲେ ନାହିଁ ଯେ, ମୁଁ ମସିହ୍ ମଉଦ୍ ଓ ଜମାଅତ୍ ଅହମଦିୟାରେ ସଂପର୍କରେ ଚିନ୍ତା କରିବି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଲଗାରିୟାହରୁ ଏଲିସ୍ତା ରୁଡ଼ି ଡିମାଙ୍ଗେ (Elista Rudy Demange) ଜଣେ ନବଦୀକ୍ଷିତ ଅଟନ୍ତି । ମହୋଦୟା ଖ୍ରୀଷ୍ଟ ଧର୍ମରୁ ଇସ୍‌ଲାମ ଧର୍ମ ଗ୍ରହଣ କରିଛନ୍ତି । ସେ କୁହନ୍ତି : "ଜଲ୍‌ସା ସାଲାନାରେ ସାମିଲ୍ ହେବା ପୂର୍ବରୁ ମୋ ମନରେ ଏହି ସନ୍ଦେହ ରହିଥିଲା ଯେ, ମୁଁ ସ୍ୱୟଂକୁ ସବୁବେଳେ ଏହା ଅନୁଭବ କରୁଥିଲି ଯେ, ମୁଁ ସମ୍ଭବତଃ ଉକ୍ତ ବାତାବରଣର ଅଂଶକୁ ଅନୁଭବ କରିପାରିବି ନାହିଁ । କାରଣ ମୁଁ ନୂଆ ଲୋକ ଅଟେ ଏବଂ ମୋର ସଂସ୍କୃତି ଏବଂ ଭାଷା ଭିନ୍ନ ଅଟେ । କିନ୍ତୁ ଯେଉଁ ଏକତା ଏବଂ ପ୍ରେମ ମୁଁ ଏଠାରେ ଦେଖିଲି ତାହା ସଂସାରରେ ଅନ୍ୟତ୍ର ଦେଖି ନାହିଁ । ମୁଁ ପୃଥିବୀର କୋଣ ଅନୁକୋଣରୁ ଆଗତ ଲୋକମାନଙ୍କ ସହିତ ସାକ୍ଷାତ୍ କଲି । କିନ୍ତୁ ସେମାନେ ସମସ୍ତେ ଏକ ବଂଶ, ଏକ ଅଂଶ ବୋଲି ମନେ ହେଉଥିଲେ । ସେମାନେ ପରସ୍ପରକୁ ଜାଣି ନଥିଲେ ବରଂ ପରସ୍ପରକୁ ସେମାନେ ସ୍ମିତହାସ୍ୟ ପ୍ରକାଶ କରି ଭେଟ ହେଉଥିଲେ । ବେଳେବେଳେ ମନୁଷ୍ୟର ବିଶ୍ୱାସ, ଧର୍ମପରାୟଣତା ଉପରେ ସନ୍ଦେହ, ସଂଶୟ କିମ୍ବା ଅବଚେତନର ଆସ୍ତରଣ ଜମି ଯାଇଥାଏ ସେତେବେଳେ ଜଲ୍‌ସା ସାଲାନାରେ ସାମିଲ୍ ହେବା ଦ୍ୱାରା ହୃଦୟ ଏବଂ ଆତ୍ମାକୁ ପୁନଃ ପବିତ୍ରତା ପ୍ରାପ୍ତ ହୋଇଯାଇଥାଏ । ମନୁଷ୍ୟ ଏକ ନୂତନ ଆଧ୍ୟାତ୍ମିକ ଜୀବନ ଆରମ୍ଭ କରିଥାଏ । ଏହି ଅଭିଜ୍ଞତାତଥା ଏହି ଅନୁଭବ ଆତ୍ମାକୁ ସତେଜତା ପ୍ରଦାନ କରିଥାଏ ଏବଂ ହୃଦୟ ସନ୍ତୁଷ୍ଟ, ତୃପ୍ତ ଓ ଶାନ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜର୍ଜିୟାରୁ ରୋଲାଣ୍ଡ ଶାୱାଦ୍‌ଜେ (Rolannd Shavadze) ସାହେବ କୁହନ୍ତି ଯେ, ଜଲ୍‌ସାର ପରିବେଶ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଥିଲା । ଶାନ୍ତିପୂର୍ଣ୍ଣ ପରିବେଶରେ ଭାଷଣ ଏବଂ ଉପସ୍ଥିତ ଖଲିଫାଙ୍କର ଉଦ୍‌ବୋଧନ ଆଧ୍ୟାତ୍ମିକତାର ଅଗ୍ରଗତି କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସେହିପରି ଜୁମାର ଯେଉଁ ଖୁତ୍‌ବା ଥିଲା ତାହା ମୋତେ ବହୁତ ଭଲ ଲାଗିଲା । ସେହି ଖୁତ୍‌ବାରେ ଖଲିଫା ମହୋଦୟ ଅତିଥି ସତ୍କାରକ ପ୍ରସଙ୍ଗରେ ଇସ୍‌ଲାମୀୟ ଶିକ୍ଷା ସଂପର୍କରେ ପ୍ରାମାଣ୍ୟମାନ ଉପସ୍ଥାପିତ କଲେ । ସେହିପରି ଉପସ୍ଥିତ ଖଲିଫାଙ୍କର ମହିଳାଙ୍କ ଉପରେ ଯେଉଁ ଉଦ୍‌ବୋଧନ ରହିଥିଲା ତାହା ମଧ୍ୟ ମୋତେ ବହୁତ ଭଲ ଲାଗିଲା । ଏହି ଉଦ୍‌ବୋଧନର ମୋ ଉପରେ ବେଶ୍ ପ୍ରଭାବ ପକାଇଥିଲା । ମୁଁ ଜଣେ ଜର୍ଜୀୟ ମୁସଲମାନ ଅଟେ ଏବଂ ବିଶ୍ୱବିଦ୍ୟାଳୟରେ ମୁଁ ଅଧ୍ୟାପକ ଅଟେ । ଦୁଇ ବର୍ଷ ପୂର୍ବେ ମୋତେ ଜର୍ଜିୟାରେ ଆଦର୍ଶ ଓ ଭଲ ଶିକ୍ଷକର ପୁରସ୍କାର ପ୍ରାପ୍ତ ହୋଇଛି। ମୋର କ୍ଷେତ୍ର ମଧ୍ୟ ଶିକ୍ଷାକ୍ଷେତ୍ର ରହିଛି ଏବଂ ବିଶେଷ ରୂପେ ମୋତେ ଏକଥା ଭଲ ଲାଗିଲା ଯେ, କିପରି ଆପଣଙ୍କ ଜମାଅତ୍ ମହିଳାମାନଙ୍କୁ ଏବଂ ପୁରୁଷମାନଙ୍କ ଶିକ୍ଷାର୍ଜନ ସମ୍ବନ୍ଧରେ ଉତ୍ସାହିତ କରିଥାଏ । ମୋତେ ଚଳିତ ବର୍ଷ ଇସ୍‌ଲାମୀୟ ମୌଳିକ ନୀତି ତଥା ସିଦ୍ଧାନ୍ତ ଓ ଦର୍ଶନଶାସ୍ତ୍ରର ଇଂରାଜୀ ଭାଷାରୁ ଜର୍ଜିୟାନ୍ ଭାଷାରେ ଅନୁବାଦ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଅନୁବାଦ କରିବା ସମୟରେ ମୁଁ ବହୁତ୍ ଆନନ୍ଦିତ ହେଲି ଏବଂ ଉପସ୍ଥିତ ଖଲିଫା ତ' ରବିବାର ଦିନ ଯେଉଁ ଉଦ୍‌ଯାପନୀ ଉଦ୍‌ବୋଧନରେ ଉକ୍ତ କଥାର ଚର୍ଚ୍ଚା କଲେ ଯେ, ଅନ୍ୟ ମୁସଲମାନେ ଅହମଦିମାନଙ୍କୁ ଘୃଣା ଚକ୍ଷୁର ଦେଖି ଥାଆନ୍ତି ସେହି ମୁସଲମାନମାନଙ୍କର ମିଥ୍ୟା ଆରୋପକୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ମାଧ୍ୟମରେ ଖଣ୍ଡନ କରାଯାଇଛି । ତେଣୁ ମୋତେ ଏକଥା ବହୁତ ଭଲ ଲାଗିଲା । ପୁନଶ୍ଚ ବୈଅତ୍‌ର ଯେଉଁ ଦୃଶ୍ୟ ରହିଥିଲା ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା । ଆଜିକାଲି ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ନକାରାତ୍ମକ ଛବି ଉପସ୍ଥାପିତ କରାଯାଉଛି । ଯେଉଁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷାକୁ ଦେଖିବାକୁ ଚାହୁଁଛି ତେବେ ସେ ଜଲ୍‌ସାକୁ ଆସୁ ଏବଂ ପ୍ରେମ, ଭାଇଚାରା ଓ ଶାନ୍ତିର ପରିବେଶକୁ ନିଜ ଆଖିରୁ ଦେଖିନେଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ମହିଳା ଅତିଥି ରହିଛନ୍ତି। ସେହି ମହିଳା ଅତିଥି ଜଣକ ହେଉଛନ୍ତି ଯେସିକା ଗାର୍ସିୟା କୋହ୍ଲ ଲିକାର୍ଡ଼ୋ (Jessica Garcia Kohl Liccardo) ସାହେବା । ଆପଣ କଂଗ୍ରେସର ସ୍ୟାମ୍ ଲିକାର୍ଡ଼ୋଙ୍କର ପତ୍ନି ଅଟନ୍ତି । ମୁଁ ଡୋମେଷ୍ଟିକ ଭାଇଓଲେନ୍‌ସ୍‌ରେ (Domestic violance) (ଘରୋଇ ହିଂସା) ବିରୁଦ୍ଧରେ ଏକ ବିଭାଗରେ କାର୍ଯ୍ୟ କରୁଛି ଏବଂ ମୁଁ ଏକଥା ଜାଣି ଆଶ୍ଚର୍ଯ୍ୟ ଚକିତ ହୋଇଗଲି ଯେ, ଉପସ୍ଥିତ ଖଲିଫା କେବଳ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଶାରୀରିକ ନିର୍ଯାତନା ସଂପର୍କରେ ଚର୍ଚ୍ଚା କଲେ ନାହିଁ ବରଂ ମହିଳାମାନଙ୍କର ବିରୁଦ୍ଧରେ କ୍ରୁରତାମୂଳକ ନିର୍ଯାତନାର ମଧ୍ୟ ନିଜ ଭାଷଣରେ ଚର୍ଚ୍ଚା କଲେ ଓ ନିନ୍ଦା କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଙ୍କର ଗୋଟିଏ ପ୍ରଶ୍ନ ଅପୂର୍ଣ୍ଣ ଥିଲା । ସେ କୁହନ୍ତି ଯେ, ମୋତେ ସେହି ପ୍ରଶ୍ନର ଉତ୍ତର ମିଳି ନଥିଲା । କାରଣ ଯଦି କୌଣସି ମହିଳା ସହିତ କିଛି ଘଟଣା ଘଟିଯାଏ ସେତେବେଳେ ସେହି ମହିଳା ଜଣକ କେଉଁଠୁ ସାହାଯ୍ୟ ପ୍ରାପ୍ତ କରିପାରିବ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ମହୋଦୟା ମୋତେ ଏହି ପ୍ରଶ୍ନ ପଚାରିଥିଲେ । ମୁଁ ତାଙ୍କୁ କହିଲି କି ଜମାଅତ୍‌ର ଏକ ବ୍ୟବସ୍ଥା ରହିଛି ସେହି ବ୍ୟବସ୍ଥାରୁ ସେହି ମହିଳା ଜଣକ ସାହାଯ୍ୟ ପ୍ରାପ୍ତ କରିପାରିବ । ମହିଳାମାନଙ୍କ ପ୍ରତି କୌଣସି ନାରୀ ନିର୍ଯାତନା ହେଲେ ସେମାନେ ଉପସ୍ଥିତ ଖଲିଫାଙ୍କ ନିକଟକୁ ମଧ୍ୟ ଆସି ଥାଆନ୍ତି । ଜମାଅତ୍ ବ୍ୟବସ୍ଥା ପାଖକୁ ସେହି ମହିଳାମାନେ ଆସି ଥାଆନ୍ତି । ଏତଦ୍‌ପରେ ଜମାଅତ୍ ସେହି ମହିଳାମାନଙ୍କୁ ସାହାଯ୍ୟ କରିଥାଏ । ମହିଳାମାନେ ଅନ୍ୟ ପନ୍ଥା ମଧ୍ୟ ଅବଲମ୍ବନ କରି ପାରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେହି ଅତିଥି ଜଣକ କୁହନ୍ତି ଯେ, ଏସବୁ କଥା ଶୁଣି ମୋତେ ଆଶ୍ୱସ୍ତି ଓ ସନ୍ତୁଷ୍ଟି ପ୍ରାପ୍ତ ହେଲା । ସେହିପରି ଖଲିଫାଙ୍କ ଠାରୁ ଉକ୍ତ ଉତ୍ତର ଶୁଣି ମୁଁ ଆଶ୍ୱସ୍ତି ଅନୁଭବ କଲି ଯେ, ଉପସ୍ଥିତ ଖଲିଫାଙ୍କର ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ବ୍ୟକ୍ତିଗତ ସଂପର୍କ ରହିଛି । ମହିଳା ଜଣକ କୁହନ୍ତି: " ଆପଣ (ହୁଜୁର୍ ଅନ୍‌ୱର୍ ଅ.ବ) ଯେଉଁ କଥା କହୁଛନ୍ତି ସେହି କଥା ଉପରେ କେତେକ ଲୋକମାନେ ଆପତ୍ତି କରନ୍ତି । ବିଶେଷ କରି ମାଡ଼ର ଯେଉଁ ପ୍ରଶ୍ନ ରହିଥିଲା । ଏହାର ସ୍ପଷ୍ଟୀକରଣ ତ' ଦୀର୍ଘ ଅଟେ ଏବଂ ତାହା ଅନ୍ୟ ଏକ ପ୍ରସଙ୍ଗ ଅଟେ । ଯଦି ସର୍ତ୍ତ ପୂରଣ କରାଯାଏ ତେବେ ମଧ୍ୟ ସର୍ତ୍ତ ପୂରଣ ହେଉ ନାହିଁ। ଯଦି ସେହିସବୁ ସର୍ତ୍ତକୁ ପୂରଣ କରାଯାଏ ତେବେ ଯେଉଁଠି ମହିଳାମାନଙ୍କୁ ମାଡ଼ ମାରିବାର ପ୍ରଶ୍ନ ରହିଛି ସେଠାରେ ସେହି ସର୍ତ୍ତାବଳୀଗୁଡ଼ିକ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତ' ସେହି ପରିସ୍ଥିତି ଏପରି ହୋଇଯାଇଥାଏ ଯେପରିକି ମାଡ଼ ମାରିବାର ଆବଶ୍ୟକତା ମଧ୍ୟ ପଡ଼ି ନଥାଏ । ସେଇଥି ପାଇଁ ସମ୍ଭାବନା ଯଥେଷ୍ଟ କମ୍ ରହିଛି । ଏହା ସଂପର୍କରେ ଇସ୍‌ଲାମ୍ ଧର୍ମ ଶିକ୍ଷା ପ୍ରଦାନ କରିଛି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱିଡ଼େନ୍‌ରୁ ଲଜ୍‌ନାର ଜଣୈକା ମହିଳା ଏଠାକୁ ଆସିଛନ୍ତି । ସେ କୁହନ୍ତି: "ଜଲ୍‌ସା ସାଲାନା ଏକ ବ୍ୟାପକ ଗୃହ ପରି । ଏହା ସଂପୂର୍ଣ୍ଣ ପରିବାରକୁ ନିଜ ମଧ୍ୟରେ ସାଉଁଟି ଏବଂ ଆବୋରି ନେଇଥାଏ । ସ୍ୱିଡ଼େନ୍‌ରେ ଖୁବ୍ ସୀମିତ ସଂଖ୍ୟକ ଆରବ୍ୟ ଅହମଦିମାନେ ଅଛନ୍ତି । ଅପରପକ୍ଷେ ଜଲ୍‌ସା ସାଲାନାରେ ଯେତେବେଳେ ଆରବ୍ୟ ଶିବିରର ନାମ ଶୁଣିଲି ସେତେବେଳେ ଏକ ବିଚିତ୍ର ପ୍ରକାରର ଶାନ୍ତି ଏବଂ ଆପଣାର ଅନୁଭୂତି ଲାଗିଲା । ପୁନଶ୍ଚ ଅନ୍ୟାନ୍ୟ ଆରବୀୟ ଭଉଣୀମାନେ ଏବଂ ଭାଇମାନଙ୍କୁ ଭେଟି ବହୁତ ଆନନ୍ଦି ହେଲି । ଏହି କଥା ମୋ ଉପରେ ବିଶେଷ ରୂପେ ପ୍ରଭାବ ପକାଇଛି । ଉପସ୍ଥିତ ଖଲିଫାଙ୍କୁ ମୁଁ ସାକ୍ଷାତ୍ କଲି ଏହାର ମଧ୍ୟ ମୋ ଉପରେ ସୁପ୍ରଭାବ ପଡ଼ିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ଅତିଥିମାନେ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଅତିଥିମାନଙ୍କର ହୃଦୟକୁ ଉନ୍ମୁକ୍ତ (ଖୋଲନ୍ତୁ) କରନ୍ତୁ । ସେହି ଅତିଥିମାନେ ଅହମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍‌କୁ ହୃଦୟଙ୍ଗମ ଓ ଯୁଗାବତାରଙ୍କୁ ସ୍ୱୀକାରକାରୀ ମଧ୍ୟ ହୁଅନ୍ତୁ । **ଆମିନ୍** । ସେହିପରି ଅଲ୍ଲାଃତାଲା ନବଦୀକ୍ଷିତଙ୍କୁ ମଧ୍ୟ ବିଶ୍ୱାସ ଓ ନିଷ୍ଠାପରତାରେ ଅଭିବୃଦ୍ଧି କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ପ୍ରତ୍ୟେକ ଅହମଦିଙ୍କୁ ମଧ୍ୟ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଜଲ୍‌ସାରେ ସେମାନେ ଯେଉଁ କାର୍ଯ୍ୟକ୍ରମ ଦେଖିଛନ୍ତି, ଶୁଣିଛନ୍ତି ତାହା ଉପରେ ସେମାନେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ରୂପେ ପିରଗଣି ହୁଅନ୍ତୁ । ସେମାନେ ଏହାକୁ ନିଜ ଜୀବନର ଅଭିନ୍ନ ଅଂଗ ରୂପେ ବରଣ କରି ନିଅନ୍ତୁ । ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ପ୍ରଦାନକାରୀ ବ୍ୟକ୍ତି ରୂପେ ସାବ୍ୟସ୍ତ ହୁଅନ୍ତୁ । ଏହି ଉତ୍ସାହ ସବୁଦିନ ପାଇଁ ବଜାୟ ରହୁ । ଜଲ୍‌ସାର କଲ୍ୟାଣରୁ ପ୍ରତ୍ୟେକ ଅହମଦି ଏକ ଅଂଶ ପ୍ରାପ୍ତ କରୁ । **ଆମିନ୍** । ଆପଣମାନେ ନିଜର ଆତ୍ମା ଓ ନିଜର ପରିବେଶର ସଂଶୋଧନ ନିମନ୍ତେ ମଧ୍ୟ ଭରପୁର ଉଦ୍ୟମକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ପ୍ରେସ୍‌ବାଲାଙ୍କର ରିପୋର୍ଟ ମଧ୍ୟ ସଂକ୍ଷେପର କହି ଦେଉଛି । ଇଟାଲୀର ପ୍ରେସ୍ କଭରେଜ୍‌ରେ ରିପୋର୍ଟ ପ୍ରକାଶିତ ହୋଇଛି । ଇଉରୋପୀୟ କମ୍ୟୁନିକେସନ୍ ଜୋନ୍ ନାମକ ଏକ ନ୍ୟୁଜ ଏଜେନ୍‌ସୀ ରହିଛି । ଏହି ଏଜେନ୍‌ସୀ ଇଉରୋପୀୟ ସଂସଦର ସରକାରୀ ପ୍ରେସ୍ ଏଜେନ୍‌ସୀ ଅଟେ । ସେହି ନିଜର ନ୍ୟୁଜ୍ ସିଧା ସଳଖ ପ୍ରସାର କରିଛି ଏବଂ ବିଭିନ୍ନ ଇଣ୍ଟରଭ୍ୟୁକୁ ମଧ୍ୟ ପ୍ରସାରଣ କରିଛି ଏବଂ ପ୍ରକାଶିତ କରିଛି । ଏହି ନ୍ୟୁଜ୍ ଏଜେନ୍‌ସୀର ଜଲ୍‌ସା ସାଲାନାର କେତେକ ବିଶେଷ ଅଧିବେଶନକୁ ମଧ୍ୟ ପ୍ରସାରଣ କରିଛି । ଏପର୍ଯ୍ୟନ୍ତ 60ଟି ଖବର କାଗଜ ଏବଂ ଅନ୍ୟାନ୍ୟ ଖବରକାଗଜ ଏଜେନ୍‌ସୀଗୁଡ଼ିକରେ ଜଲ୍‌ସା ସାଲାନା ସଂପର୍କିତ ଖବର ଓ ରିପୋର୍ଟସ ପ୍ରକାଶିତ କରିଛି । ତହିଁରେ ଅନ୍ ଲାଇନ୍ ଇନ୍‌ଫ୍ଲୁଏନ୍‌ଜର୍‌ମାନେ ମୋର ଏକ ବାର୍ତ୍ତା ମଧ୍ୟ ଦେଇଛନ୍ତି । ଇଟାଲୀରୁ ଆସିଥିବା 2 ଜଣ ସାମ୍ବାଦିକ ଅଟନ୍ତି । ଏହି ସାମ୍ବାଦିକଙ୍କର ସୋସିଆଲ୍ ମିଡ଼ିଆ (ସାମାଜିକ ଗଣମାଧ୍ୟମ)ରେ ପ୍ରାୟ ଅର୍ଦ୍ଧ ଲକ୍ଷ ଫଲୋଅର୍ସମାନେ ରହିଛନ୍ତି । ଏହି ଦୁଇ ଜଣ ସାମ୍ବାଦିକମାନେ ଜମାଅତ୍ ସଂକ୍ରାନ୍ତରେ ସକାରାତ୍ମକ ରିପୋର୍ଟସ୍ ପ୍ରଦାନ କରିଛନ୍ତି। ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜମାଅତୀୟ ପ୍ରେସ୍ ଆଣ୍ଡ ମିଡ଼ିଆ ସେକ୍ସନ୍ ଯେଉଁ

କାମ କରିଛି ତଦନୁଯାୟୀ ଅନ୍ ଲାଇନ୍ ୱେବ୍ ସାଇଟ୍‌ରେ ପ୍ରାୟ 50 ମିଲିୟନ୍ ଲୋକମାନେ ଜଲ୍‌ସା ସାଲାନା ଦେଖିଛନ୍ତି । ପାଖାପାଖି 49ଟି ୱେବ୍ ସାଇଟ୍ ରହିଛି। ପ୍ରିଣ୍ଟ ମିଡ଼ିଆ, ସମ୍ବାଦପତ୍ର ଇତ୍ୟାଦି ରହିଛି ତହିଁରେ 17ଟି ଆର୍ଟିକିଲ୍ ପ୍ରକାଶିତ ହୋଇଛି । 20 ମିଲିୟନ୍ (ଲକ୍ଷ) ଲୋକମାନେ କାର୍ଯ୍ୟକ୍ରମ ଦେଖିଛନ୍ତି ଓ ସମ୍ବାଦପତ୍ର ପାଠ କରିଛନ୍ତି । ରେଡ଼ିଓରେ 25ଟି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସେହି 25ଟି କାର୍ଯ୍ୟକ୍ରମରେ ଜଲ୍‌ସାକୁ କଭର୍ କରାଯାଇଛି ଏବଂ ଶ୍ରୋତାମନାଙ୍କର ସଂଖ୍ୟା 20 ମିଲିୟନ୍ ଥିଲା । ଟି.ଭିରେ ମଧ୍ୟ ଜଲ୍‌ସା ସଲାନା ପ୍ରସାରଣ କରାଯାଇଛି । ଟି.ଭି ଚ୍ୟାନେଲ୍‌ରେ ପ୍ରାୟ 5 ମିଲିୟନ୍ ଲୋକମାନେ ଦେଖିଛନ୍ତି । ସେହିପରି ମିଡ଼ିଆ ଆଉଟ୍ ଲେଟ୍‌ସ୍, ଜର୍ଣ୍ଣାଲିଷ୍ଟ ଓ ପବ୍ଲିକ୍ ଫିଗର୍ସ (ସଂଖ୍ୟା) ସୋସିଆଲ୍ ମିଡ଼ିଆରେ ଏଥି ସଂକ୍ରାନ୍ତରେ ଅନେକ କିଛି କଥା ଉଲ୍ଲେଖ କରିଛି । ସୋସିଆଲ୍ ମିଡ଼ାଆ ମାଧ୍ୟମରେ 14 ମିଲିୟନ୍ ଲୋକଙ୍କ ପର୍ଯ୍ୟନ୍ତ ଉକ୍ତ ଖବର ପହଞ୍ଚିଛି । ଅଲ୍ଲାଃତାଲାଙ୍କ କୃପାରୁ ଏହି ସମସ୍ତ ପ୍ରସଙ୍ଗ ଓ ପରିସଂଖ୍ୟାନକୁ ଯଦି ଏକତ୍ରିତ କରାଯାଏ ତେବେ ପାଖାପାଖି ଶହେ ମିଲିୟନ୍ (ପ୍ରାୟ ଏକ କୋଟି) ଲୋକମାନଙ୍କ ପର୍ଯ୍ୟନ୍ତ ଉକ୍ତ ଖବର ପହଞ୍ଚିଲା। ବିଖ୍ୟାତ ମିଡ଼ିଆ ଆଉଟ୍ ଲେଟ୍‌ସ୍ ମଧ୍ୟରେ ଆଇ ଟି.ଭି ରହିଛି, ଏଲ୍.ବି.ସି ରହିଛି, ଦି ଟାଇମସ୍ ରହିଛି, ଦି ଗାର୍ଜିୟନ୍, ଟେଲିଗ୍ରାଫ୍, ଡେଲିମେଲ୍, ଇଣ୍ଡିପେଣ୍ଡେଟ୍, ବି.ବି. ସି, ଅଲ୍ ଅରବି ଟ୍ୱେଣ୍ଟି ୱାନ୍, ଡେଲି ଏକ୍ସପ୍ରେସ, ଲଣ୍ଡନ ଇଭିନିଂ ଷ୍ଟାଣ୍ଡାର୍ଡ଼, ଦି ନ୍ୟୁ ଆରବ୍ ଆଦି ପ୍ରମୁଖ ଆଉଟ୍ ଲେଟ୍‌ସ୍ ଅନ୍ତର୍ଭୁକ୍ତ ଅଛନ୍ତି । ସେହିପରି ଆହୁରି ଅନେକ ମିଡ଼ିଆମାନେ ମଧ୍ୟ ରହିଛନ୍ତି ଯେଉଁମାନଙ୍କ ପର୍ଯ୍ୟନ୍ତ ଜମାଆତ୍‌ର ବାର୍ତ୍ତା ପହଞ୍ଚିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏମ୍.ଟି.ଏ ଆଫ୍ରିକାରର ଏହି ପ୍ରତିକ୍ରିୟା ତଥା ମତାମତ ରହିଛି ଯେ, ମାଲି ଅଞ୍ଚଳର ଜଣେ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଜଲ୍‌ସା ସାଲାନାର ତୃତୀୟ ଦିନ ଏକ ଆଧ୍ୟାତ୍ମିକପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଲା। ସକାଳୁ ବର୍ଷ ହେଉଥିଲା ଏବଂ ପ୍ରବଳ ବର୍ଷା ହେଉଥିଲା । ଏପରି ଲାଗୁଥିଲା ଯେପରିକି ଆଜି କେହି ମସ୍‌ଜିଦ୍ ଆସିବେ ନାହିଁ । କିନ୍ତୁ ଆଲମି ବୈଅତ୍ ପୂର୍ବରୁ କିଛି ସମୟ ପୂର୍ବେ କେତେକ ନବଦୀକ୍ଷିତ ଅହମଦିମାନେ ବର୍ଷାରେ ଭିଜି ସାଇକେଲ ଓ ପାଦରେ ଚାଲି ଚାଲି ମସ୍‌ଜିଦ୍ ପହଞ୍ଚିଲେ । ସେମାନେ ସଂପୂର୍ଣ୍ଣ ରୂପେ ଭିଜି ଯାଇଥିଲେ । ମୁବଲ୍ଲିଗ୍ ସାହେବ ସେମାନଙ୍କୁ କହିଲେ, ମହୋଦୟମାନେ ଆପଣମାନେ ଘରେ ବସି ସମସ୍ତ କାର୍ଯ୍ୟକ୍ରମ ରେଡ଼ିଓରେ ଶୁଣିପାରି ଥାଆନ୍ତେ । ବର୍ଷାରେ ଭିଜି କାହିଁକି ଆସିଲେ ? ତେବେ ଜଣେ ନବଦୀକ୍ଷିତ ଉତ୍ତର ଦେଲେ, ମୁବଲ୍ଲିଗ୍ ସାହେବ ! ଆମେମାନେ ଘରେ ବସି ଜଲ୍‌ସା ଶୁଣିପାରି ଥାଆନ୍ତୁ । କିନ୍ତୁ ଉପସ୍ଥିତ ଖଲିଫାଙ୍କୁ ଆମେମାନେ ସ୍ୱଚକ୍ଷୁରେ ଦେଖିପାରି ନଥାଆନ୍ତୁ । ଯେଉଁ ଆନନ୍ଦ ଖଲିଫାଙ୍କୁ ଦେଖିବା ଦ୍ୱାରା ପ୍ରାପ୍ତ ହୋଇଥାଏ ତାହା ଅନ୍ୟ ବସ୍ତୁରେ ନାହିଁ । ଆଲମି ବୈଅତ୍‌ର ଆଲୋକ ଏବଂ କଲ୍ୟାଣକୁ ମୁଁ ହରାଇବାକୁ ଚାହୁଁ ନଥିଲି ତେଣୁକରି ମୁଁ ବର୍ଷାରେ ଭିଜି ଭିଜି ମସ୍‌ଜିଦ୍ ଚାଲି ଆସିଲି। ଅଲ୍ଲାଃତାଲା ସେହି ସମସ୍ତ ଅହମଦିଙ୍କ ବିଶ୍ୱାସ ଓ ଆସ୍ଥାରେ ଅଭିବୃଦ୍ଧି ପ୍ରଦାନ କରି ଚାଲନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ଗୋଟିଏ ନମାଜ୍ ଯନାଜାଃ ପାଠ କରାଇବି । ସେହି ଯନାଜାଃଟି ହେଉଛି ଗାଜାର ଅଧିବାସୀ ଶ୍ରୀଯୁକ୍ତ ସ୍ୱର୍ଗତ ଅବ୍‌ଦୁଲ୍ କରୀମ୍ ଜମାଲ୍ ଜୋଦାହ୍ ସାହେବଙ୍କର । ବିଗତ ଦିନ ଆପଣ ଇସ୍ରାଇଲୀୟ ସେନା ପକ୍ଷରୁ ହୋଇଥିବା ଗୁଳିମାଡ଼ରେ ଆପଣ ଶହୀଦ୍ ହୋଇ ଯାଇଥିଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ଭାଇ କୁହନ୍ତି ଯେ, ମୋ ଭାଇର ବୟସ 45 ବର୍ଷ ଥିଲା । ବିବାହିତ ଥିଲା । 4ଟି କନ୍ୟା ସନ୍ତାନ ରହିଛନ୍ତି ଏବଂ ଦଇଟି ପୁତ୍ର ସନ୍ତାନ ଅଛନ୍ତି । ବଡ଼ ପୁଅର ବୟସ 16 ଅଟେ । ସବୁଠୁ ସାନ ପୁତ୍ରର ବୟୟ ଅଢେଇ ବର୍ଷ ଅଟେ । ଆପଣ ଗାଜା ପଟ୍ଟିରେ ଜିବାଲିୟାହ୍ ଅଞ୍ଚଳରେ ବାସ କରୁଥିଲେ । ଜଣେ ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ମୁସଲମାନ ପରିବାରରେ ଆପଣ ଲାଳିତ ପାଳିତ ହୋଇଥିଲେ । 11ତମ ଶ୍ରେଣୀ ପରେ ଆପଣ ଘରର ଖର୍ଚ୍ଚରେ ପିତାଙ୍କୁ ସାହାଯ୍ୟ କରିବା ନିମନ୍ତେ ନିଜ ପିତାଙ୍କ ସହିତ ବିଲ୍‌ଡ଼ିଂ କାମରେ ସାମିଲ୍ ହୋଇଗଲେ। ଆପଣଙ୍କର 11 ଜଣ ଭାଇ ରହିଥିଲେ । ସେମାନଙ୍କର ମଧ୍ୟରୁ ଆପଣ ଦ୍ୱିତୀୟ ନମ୍ବରରେ ଥିଲେ । ପୁନଶ୍ଚ ସେ ନିଜର ଏକ ଧାତୁ ୱାର୍କଶପ୍ ମଧ୍ୟ ଖୋଲିଥିଲେ। ଉକ୍ତ ୱାର୍କ ଶପ୍‌କୁ ଇସ୍ରାଇଲୀୟ ସେନାଙ୍କ ପକ୍ଷରୁ ଆକ୍ରମଣ କରି ଭୂମିସାତ୍ କରିଦିଆଗଲା । 2013 ମସିହାରେ ତାଙ୍କର ନିଜ ଭାଇଙ୍କ ମାଧ୍ୟମରେ ଜମାଅତ୍ ସହିତ ପରିଚୟ ହୋଇଥିଲା । ଇତି ମଧ୍ୟରେ ସେ ବୈଅତ୍ ମଧ୍ୟ କରି ନେଇଥିଲେ । ଜମାଅତ୍ ସହିତ ନିୟମିତି ରୂପେ ଯୋଗାଯୋଗରେ ଥିଲେ । ଆପଣ ଜଣେ ସକ୍ରିୟ ଓ ଜଣେ ସତ୍ୟବାଦୀ ବ୍ୟକ୍ତି ଥିଲେ । ଜମାଅତ୍ ସହିତ ସଂପର୍କ ଯୋଗୁଁ ଗାଜାର ସିକ୍ୟୁରିଟି ଅନୁଷ୍ଠାନଗୁଡ଼ିକରେ ଅନେକ ଥର ତାଙ୍କୁ ପଚରା ଉଚରା କରାଯାଇଥିଲା ଏବଂ ଅନେକ ପ୍ରକାରର ତଦନ୍ତର ସେ ସମ୍ମୁଖୀନ ହୋଇଥିଲେ । କିନ୍ତୁ ସେ ନିଜର ଚିନ୍ତାଧାର ପରିବର୍ତ୍ତନ କଲେ ନାହିଁ । ଜମାଅତରୁ ସେ ପଛଘୁଞ୍ଚା ଦେଲେ ନାହିଁ । ଅହରହ ଜମାଅତ୍ ସହିତ ଯୋଗଯୋଗ ଜାରି ରଖିଲେ ।

2025 ମସିହାରେ ଇସ୍ରାଇଲ୍ ସେନା ଯେତେବେଳେ ତାଙ୍କ ଦେଶରେ କବଜା କରିନେଲା ସେତେବେଳେ ତାଙ୍କ ଘରକୁ ମଧ୍ୟ ଭୂମିସାତ୍ କରିଦିଆଗଲା । ଏତଦ୍‌ପରେ ସେ ଭଡ଼ା ଗରେ ରହିବାକୁ ଲାଗିଲେ । ପୁନଶ୍ଚ ଗାଜା ପଟ୍ଟିରେ ସାଂପ୍ରତିକ ଦୁର୍ଭିକ୍ଷ ପରେ ସ୍ୱର୍ଗତ ରିଲିଫ୍ ସାମଗ୍ରୀ ବଣ୍ଟା ହେଉଥିବା ସ୍ଥାନକୁ ଯାଇଥିଲେ । ସେଠାରେ ସେନା ଗହମ, ଅଟା ଇତ୍ୟାଦି ରିଲିଫ୍ ସାମଗ୍ରୀ ପ୍ରବେଶକୁ ଅନୁମତି ପ୍ରଦାନ କରି ଦେଇଥିଲା । ତେଣୁ ସେଠାରେ ଭିଡ଼ ଏକତ୍ରିତ ହୋଇଗଲା । ସ୍ୱର୍ଗତ ଇସ୍ରାଇଲୀୟ ସେନାର ଅତି ନିକଟବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିଗଲେ । ନିରସ୍ତ୍ର ଲୋକଙ୍କର ଏହି ଭିଡ଼ ଉପରେ ଇସ୍ରଇଲୀୟ ସେନା ଆଖିବୁଜା ଗୁଳି ଚାଳନା କରିଥିଲା । ଏହା ଦ୍ୱାରା ମୋ ଭାଇ ପାଖରେ ଥିବା ଜଣେ ବ୍ୟକ୍ତି ଗୁଳି ଦ୍ୱାରା ଆହତ ହୋଇଗଲା ଏବଂ ମୋ ଭାଇ ସେହି ବ୍ୟକ୍ତିର ସାହାଯ୍ୟ କରିବା ପାଇଁ ଉଦ୍ୟମ ଯେତେବେଳେ କଲେ ସେତେବେଳେ ଏହି ସମୟରେ ମୋ ଭାଇଙ୍କ ଛାତିରେ ଗୋଟେ ଗୁଳି ଆସି ବାଜିଲା । ଏହା ଦ୍ୱାରା ମୋ ଭାଇ ଘଟଣାସ୍ଥାଳରେ ହିଁ ଶହୀଦ୍ ହୋଇଗଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶହୀଦ୍‌ଙ୍କ ଭାଇ କୁହନ୍ତି: "ମୋ ଭାଇ ଯେଉଁ ଆହତ ବ୍ୟକ୍ତିକୁ ସାହାଯ୍ୟ କରିବାକୁ ଯାଇ ନିଜେ ଶହୀଦ୍ ହୋଇଗଲା ସେହି ଆହତ ବ୍ୟକ୍ତି କହିଲା, ତୁମ ଭାଇ ଶହୀଦ୍ ହେବା ପୂର୍ବରୁ ତିନି ଥର କଲ୍‌ମା ପାଠ କଲା ଏବଂ ଆଁହଜରତ ସ.ଅ ଓ ଅବତାରମାନଙ୍କ ସୁନ୍ନତ ଅନୁଯାୟୀ ମୃତ୍ୟୁବରଣ କଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେ ଉକ୍ତ କଥା ଯୋଗୁଁ ସନ୍ତୁଷ୍ଟ କି ଏହି ବିୟୋଗ ସୟେଦିନା ମୁହମ୍ମଦ ସ.ଅଙ୍କ ଧର୍ମ ଏବଂ ଇମାମ୍ ମେହ୍‌ଦୀ ଅ.ସଙ୍କ ବୈଅତ୍ ଉପରେ ପ୍ରତିଷ୍ଠିତ ତଥା ଅବିଚଳ ଅବସ୍ଥାରେ ହୋଇଥିଲା । ଅଲ୍ଲାଃତାଲାଙ୍କ କୃପାରୁ ଶହୀଦ୍ ସ୍ୱର୍ଗତ ଜଣେ ନିଷ୍ଠାପର ବ୍ୟକ୍ତି ଓ ଜଣେ ସତ୍ୟବାଦୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।"

ହୁଜୁର ଅନୱର୍ ଅ.ବ କହିଲେ, ଡ଼. ହଫିଜ୍ ସାହେବ ୟୁ.କେର ହ୍ୟୁମାନିଟି ଫାର୍ଷ୍ଟର ଇନ୍‌ଚାର୍ଜ । ସେ କୁହନ୍ତି: "2021 ମସିହାରେ ଜମାଅତ୍‌ର ପରିଦର୍ଶନ ସଂକ୍ରାନ୍ତରେ ହ୍ୟୁମାନିଟି ଫାର୍ଷ୍ଟର ଗସ୍ତ ଅଧୀନ ଯେତେବେଳେ ସେ ଗାଜା ଗଲେ ସେତେବେଳେ ସେଠାରେ ଅବ୍‌ଦୁଲ୍ କରୀମ୍ ସାହେବଙ୍କ ସହିତ ମୋର ସାକ୍ଷାତ୍ ହୋଇଥିଲା ।" ମୁଁ ତାଙ୍କୁ ଅତ୍ୟନ୍ତ ନିଷ୍ଠା ଏବଂ ପ୍ରାଣୋତ୍ସର୍ଗୀ ଅହମଦି ମସୁଲମାନ ରୂପେ ଦେଖିଲି। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 22 ଅଗଷ୍ଟ 2025 ମସିହା, ପୃ-2-8)**

☆--☆--☆

## ପୃ- 2ରେ ବର୍ଣ୍ଣିତ ଖୁତ୍‌ବା ଜୁମା 25-7-2025ର ଅବଶିଷ୍ଟାଂଶ....

ସେହି ବିଭାଗମାନେ ଏଥି ନିମନ୍ତେ ଉଦ୍ୟମ ମଧ୍ୟ କରିଥାଆନ୍ତି । ଉକ୍ତ କଥାକୁ ସୁନିଶ୍ଚିତ କରିବା ଉଚିତ୍ ଯେ, ଆବଶ୍ୟକତା ଅନୁଯାୟୀ ଆହାର ଉପଲବ୍ଧ ହେଉ ଏବଂ ଆହାର ଯେପରି ନଘଟ ନହେଉ । ସ୍ୱଚ୍ଛତା ବିଭାଗରେ ବେଶୀ ଧ୍ୟାନ ଦେବା ଉଚିତ୍ । କାରଣ ସ୍ୱଚ୍ଛତା ମଧ୍ୟ ବିଶ୍ୱାସର ଏକ ଅଭିନ୍ନ ଅଙ୍ଗ ଅଟେ । ଏହା କୌଣସି ସାଧାରଣ ଜିନିଷ ନୁହେଁ । ଆଁହଜରତ ସ.ଅ କହିଲେ, ସ୍ୱଚ୍ଛତା ବିଶ୍ୱାସର ଏକ ଅଭିନ୍ନ ଅଙ୍ଗ ଅଟେ ।

**(ମୁସ୍‌ଲିମ୍ କିତାବୁତ୍ ତାହାରତ୍, ବାବ-ଫଜ୍‌ଲୁ ୱୁଜୁଇ, ହଦିସ୍ ନଂ-223)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଉକ୍ତ ପ୍ରସଙ୍ଗରେ ପରିବେଶକୁ ସଫା ସୁତୁରା ରଖିବା ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଆମମମାନଙ୍କର ଅନ୍ୟ ଯେଉଁ ବ୍ୟବସ୍ଥା ରହିଛି ଯେପରିକି, ସ୍ନାନାଗାର ଇତ୍ୟାଦି ରହିଛି ସେଗୁଡ଼ିକୁ ସଫା ସୁତୁରା ରଖିବା ମଧ୍ୟ ତହିଁରେ ଅନ୍ତର୍ଭୁକ୍ତ ରହିଛି ।

ଜଲ୍‌ସାଗାହ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଲୋକମାନଙ୍କୁ ଆଣି ଯେଉଁ କର୍ମୀମାନେ ରହିଛନ୍ତି ସେମାନେ ବିନମ୍ରତା ଏବଂ ପ୍ରେମ ଦ୍ୱାରା ଧ୍ୟାନ ଆକର୍ଷଣ କରାନ୍ତୁ। କେତେକ ଲୋକମାନେ ଠିକ୍ ସେ ଜାଣି ନାହାନ୍ତି ଏବଂ ସେମାନେ ସଂପୂର୍ଣ୍ଣ ରୂପେ ଜଲ୍‌ସା ଶୁଣନ୍ତି ନାହିଁ । ଏଠାରେ ଯେଉଁମାନେ ବସିଛନ୍ତି ସେମାନେ ଶୃଙ୍ଖଳା ରକ୍ଷା କରନ୍ତୁ । ମହିଳାମାନେ ନିରବତା ଏବଂ ଶୃଙ୍ଖଳା ରକ୍ଷା କରିବା ଉଚିତ୍ ଓ ପୁରୁଷମାନେ ମଧ୍ୟ ନିରବତା ଏବଂ ଶୃଙ୍ଖଳା ରକ୍ଷା କରିବା ଉଚିତ୍ । ଏହି ଶୃଙ୍ଖଳାରକ୍ଷାକାରୀ କର୍ମୀମାନେ ମହିଳା ଓ ପୁରୁଷଙ୍କୁ ବିନମ୍ରତାର ସହିତ ବୁଝାଇବାକୁ ଚେଷ୍ଟା କରନ୍ତୁ ଏବଂ କୁହନ୍ତୁ କି ଆଜ୍ଞା ଦୟାକରି କଥାବାର୍ତ୍ତା କରନ୍ତୁ ନାହିଁ । ନିରବତା ରକ୍ଷା କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତର୍ବିୟତ୍‌ର ଯେଉଁ ବିଭାଗ ରହିଛି ସେ ଏଇଥି ପାଇଁ କାମ କରିଥାଏ ଯେ, ସେ (ତର୍ବିୟତ୍ ବିଭାଗ) ଲୋକମାନଙ୍କୁ ଜଲ୍‌ସା ଗାହ୍ ଠାରେ ବସାଇ ଜଲସା ଶୁଣାଉ । ବର୍ତ୍ତମାନ ବଜାର ବନ୍ଦ୍ ଥିବ ଏବଂ ବନ୍ଦ୍ ମଧ୍ୟ ହେବା ଉଚିତ୍ । କାରଣ ଜଲ୍‌ସା ଚାଲିଛି । ପ୍ରତ୍ୟେକ ସ୍ଥାନରେ ଉକ୍ତ କଥାକୁ ଧ୍ୟାନ ରଖିବା ଉଚିତ୍ ଯେ, କର୍ମୀମାନେ ଏହି ଦିନମାନଙ୍କରେ ବିଶେଷ ରୂପେ ଉତ୍ତମ ଆଚରଣ ପ୍ରଦର୍ଶ କରନ୍ତୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆମ ପ୍ରତି ଯେଉଁ ସୁଧାରଣା ପୋଷଣ କରିଛନ୍ତି ତାହାକୁ ଚରିତାର୍ଥ କରିବା ନିମନ୍ତେ ଆପଣମାନେ ଉଦ୍ୟମ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି କେତେକ କଥା ମୁଁ **(ଅବଶିଷ୍ଟାଂଶ......ପୃଷ୍ଠା-12ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُونُوا مَعَ الصّٰدِقِينَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly **BADAR** Qadian

Qadian - 143516 Distt. Gurdaspur (Pb.)

Postal Reg. No.GDP-40/2023-2025 Vol. 10 Thursday- 04 September 2025 Issue No. 36

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 25-7-2025ର ଅବଶିଷ୍ଟାଂଶ....

ଅତିଥିମାନଙ୍କୁ କହିବାକୁ ଚାହୁଁଛି ଯେ, ଜଲ୍‌ସାରେ ଅନେକ ଅଣଅହମଦି ଅତିଥିମାନେ ମଧ୍ୟ ଆସିଛନ୍ତି । କିନ୍ତୁ ସେମାନଙ୍କ ନିମନ୍ତେ ତ' ଏକ ବିଶେଷ ବିଭାଗ ରହିଛି ଏବଂ ସେମାନଙ୍କର ବିଶେଷ ରୂପେ ଅତିଥି ସତ୍କାର କରାଯାଇଥାଏ । କାରଣ ଏମାନେ ଅଣଅହମଦି ଅଟନ୍ତି । **(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)**

## କାଦିୟାନ୍ ସ୍ଥିତ ନୁର୍ ହସ୍ପିଟାଲ୍ ପାଇଁ ଜଣେ ସଫ୍ଟୱେୟାର୍ ଇଞ୍ଜିନିୟର୍‌ର ଆବଶ୍ୟକତା ରହିଛି

**ଆବଶ୍ୟକୀୟ ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା/ ଅଭିଜ୍ଞତା**

(1) ପ୍ରାର୍ଥୀ ଜଣକ କମ୍ପ୍ୟୁଟର କ୍ଷେତ୍ରରେ ଅନ୍ତତଃ UG/PG ଡିଗ୍ରୀଧାରୀ ହୋଇଥିବା ଉଚିତ୍ ।

(2) ଜରୁରୀକାଳୀନ ପରିସ୍ଥିତିରେ କମ୍ପ୍ୟୁଟରର ସମସ୍ୟା ନିଜେ ସମାଧାନ କରିବା ନିମନ୍ତେ Coding and Syntax + Semanticsର ଭଲ ଭାବରେ ଜ୍ଞାନର ଅଧିକାରୀ ହୋଇଥିବା ଉଚିତ୍ । ଅର୍ଥାତ୍ ଦକ୍ଷ ହୋଇଥିବା ଉଚିତ୍ ।

(3) Coding and Software Developmentରେ ଅନ୍ତତଃ ଦୁଇ ବର୍ଷ ଅଭିଜ୍ଞତା ଥିବା ଉଚିତ୍।

(4) ପ୍ରାର୍ଥୀର ବୟସ 30 ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇ ନଥିବା ଉଚିତ୍ ।

(5) ପ୍ରାର୍ଥୀ ଜଣକ ସ୍ୱାସ୍ଥ୍ୟବାନ୍ ହେବା ଉଚିତ୍ । ପ୍ରାର୍ଥୀର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ (ଭଲ) ହେବା ଉଚିତ୍ । ପ୍ରାର୍ଥୀ ଜଣକ ଶିଷ୍ଟ ଓ ସଭ୍ୟ ହୋଇଥିବା ଉଚିତ୍। ରୋଗୀମାନଙ୍କର ସେବା କରିବା ସହିତ ସେମାନଙ୍କ ପ୍ରତି କୋମଳ ବ୍ୟବହାର ପ୍ରଦର୍ଶ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ନିର୍ଦ୍ଦେଶାବଳୀ:-**

(1) ସାପ୍ତାହିକ ବଦର୍‌ରେ ଉକ୍ତ ବିଜ୍ଞାପନ ପ୍ରକାଶିତ ହେବାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ: 9682587713 ,9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## କାଦିୟାନ୍ ସ୍ଥିତ ସୌନ୍ଦର୍ଯ୍ୟୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦ୍ଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜଲିସ୍ ଖୁଦ୍ଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيۡسَ اللّٰهُ بِكَافٍ عَبۡدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିଙ୍କୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

ତାଲିବେ ଦୁଆ: Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan